
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୧୦ ସଂଖ୍ୟା-୮ ୨ ମାର୍ଚ୍ଚ - ୮ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର Monday Weekly VOL-10 ISSUE-8 2nd MARCH- 8th MARCH, 2026 BHUBANESWAR ₹ 5/- (8 Pages)


### ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

## ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ କରିବାକୁ ଗୁରୁତ୍ୱ



**ଭୁବନେଶ୍ୱର :** ସାରା ରାଜ୍ୟରେ ଆସନ୍ତା କିଛିଦିନ ମଧ୍ୟରେ ପର୍ବପର୍ବାଣୀର ମାହୋଲ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୨୧ ତାରିଖରେ ଇଦ-ଉଲ-ଫିତର, ୨୭ ତାରିଖରେ ଶ୍ରୀ ରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ରାଜ୍ୟ ପୋଲିସ ମୁଖ୍ୟା ଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ପରିବେଶରେ ପାଳନ କରାଯିବା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପର୍ବପର୍ବାଣୀ ଅବସରରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ଓ ଉତ୍ତେଜନାମୂଳକ ପ୍ରଚାର ରୋକିବା ପାଇଁ ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ➤ ପୃ-୬

### ବଢ଼ିଲା ପାଣ୍ଡିଆନଙ୍କ ଅଡୁଆ


## କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ଅଭିଯୋଗକାରୀ



**ଭୁବନେଶ୍ୱର :** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ତଥା ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିଛି। ପୂର୍ବତନ ଫାଇଭ-ଟି ସଚିବ ଓ ଅଧ୍ୟକ୍ଷ ଭାବେ ସେ ନିଜ ପଦବୀର ଦୁରୁପଯୋଗ କରି ରାଜକୋଷକୁ କ୍ଷତି ପହଞ୍ଚାଇଥିବା ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ହେଉଥିବା ତଦନ୍ତ ନୂଆ ମୋଡ଼ ନେଇଛି। ଭାରତୀୟ ବିକାଶ ପରିଷଦର ସଭାପତି ତଥା ଅଭିଯୋଗକାରୀ ସୁରେନ୍ଦ୍ର ପାଣିଗ୍ରାହୀ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ହାଜର ହୋଇ ଶ୍ରୀ ପାଣ୍ଡିଆନଙ୍କ ବିରୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ଇଲେକ୍ଟ୍ରୋନିକ୍ସ ରେକର୍ଡ ଓ ଆର୍ଥିକ ଅନିୟମିତତାର ପ୍ରମାଣ ଦାଖଲ କରିଥିବା ଜଣାପଡ଼ିଛି। ଶ୍ରୀ ପାଣିଗ୍ରାହୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ, ସେ ଗତ ୨୦୨୪ ଫେବୃଆରୀ ୧୮ ତାରିଖରେ ରାଜ୍ୟ ଗୃହ ସଚିବଙ୍କ ନିକଟକୁ ପଠାଇଥିବା ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ଏହି ତଦନ୍ତ କରୁଛି। ସେ ଅଭିଯୋଗ କରିଛନ୍ତି ଯେ, ଶ୍ରୀ ପାଣ୍ଡିଆନ ନିଜ କ୍ଷମତାର ଅପବ୍ୟବହାର କରି ଓଡ଼ିଶା ରୁଲ୍ସ ଅଫ୍ ବିଜନେସ ୧୯୫୬କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଛନ୍ତି। କେବଳ ତାଙ୍କର ଚାର୍ଟର ବିମାନ ଓ ହେଲିକପ୍ଟର ବ୍ୟବହାର ପାଇଁ ସରକାରୀ ରାଜକୋଷରୁ ପ୍ରାୟ ୪୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଏଥିମଧ୍ୟରୁ ୨୦୨୧-୨୦୨୨ ବର୍ଷରେ ପ୍ରାୟ ୧୯ କୋଟି ଓ ୨୦୨୩-୨୦୨୪ ବର୍ଷରେ ୨୫.୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଏଜିଙ୍କ କାର୍ଯ୍ୟାଳୟର ରିପୋର୍ଟକୁ ସେ ପ୍ରମାଣ ଭାବେ ଦାଖଲ କରିଛନ୍ତି। ଏହି ବିପୁଳ ପରିମାଣର ଅର୍ଥ କୌଣସି ଜରୁରୀକାଳୀନ ପ୍ରଶାସନିକ କାର୍ଯ୍ୟ ଅପେକ୍ଷା ନିର୍ବାଚନୀ ପ୍ରଚାର ଓ ➤ ପୃ-୬

### ନୂଆ ସିରିଜ୍‌ର ପ୍ରଥମ ତଥ୍ୟ

## ଜିଡିପି ଅଭିବୃଦ୍ଧି ୭.୮%




**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ୨୦୨୨-୨୩କୁ ଆଧାର ବର୍ଷ ଭାବେ ଗ୍ରହଣ କରି ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟ ଜାରି କରିଛନ୍ତି। ଏହି ସମୟରେ ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିବା ଆକଳନ କରାଯାଇଛି। ତାହା ଦ୍ୱିତୀୟ ତ୍ରୈମାସିକର ୮.୪ ପ୍ରତିଶତଠାରୁ କମ୍ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷସାରରେ ଜିଡିପି ଅଭିବୃଦ୍ଧି ୭.୬ ପ୍ରତିଶତ ରହିବା ଆକଳନ କରାଯାଇଛି। ତାହା ପୂର୍ବ ଆକଳନ ୭.୧ ପ୍ରତିଶତଠାରୁ ଅଧିକ। ୨୦୨୫-୨୬ର ତୃତୀୟ ତ୍ରୈମାସିକରେ କୃଷି କ୍ଷେତ୍ରର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏହି କ୍ଷେତ୍ର ମାତ୍ର ୧.୪ ପ୍ରତିଶତ ହାରରେ ଆଗକୁ ବଢ଼ିଛି ଯାହା ୨୦୨୪-୨୫ର ସେହି ସମୟରେ ୫.୮ ପ୍ରତିଶତ ଭଳି ଉଚ୍ଚ ହାରରେ ଆଗକୁ ବଢ଼ିଥିଲା। ଖଣି କ୍ଷେତ୍ର ବି ଦୁର୍ବଳ ପ୍ରଦର୍ଶନ କରିଛି। ଖଣିର ଅଭିବୃଦ୍ଧି ହାର ୪.୭ ପ୍ରତିଶତକୁ ଖସିଆସିଛି। ପୂର୍ବବର୍ଷ ତୃତୀୟ ତ୍ରୈମାସିକରେ ସେହି ହାର ୧୩.୧ ପ୍ରତିଶତ ଭଳି ଉଚ୍ଚା ଥିଲା। ବିନିର୍ମାଣ ଅଭିବୃଦ୍ଧି ୧୩.୩ ପ୍ରତିଶତ, ବିଦ୍ୟୁତ୍, ଗ୍ୟାସ୍ ଓ ଜଳ ଯୋଗାଣ ୧.୫ ପ୍ରତିଶତ ଏବଂ ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ୬.୬ ପ୍ରତିଶତ ହୋଇଛି। ବାଣିଜ୍ୟ, ହୋଟେଲ୍, ପରିବହନ ଓ ଯୋଗାଯୋଗ କ୍ଷେତ୍ରର ପ୍ରଦର୍ଶନ ଉତ୍ସାହଜନକ ରହିଛି। ଏହି କ୍ଷେତ୍ରର ଅଭିବୃଦ୍ଧି ୧୧ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ପୂର୍ବବର୍ଷ ମାତ୍ର ୬.୭ ପ୍ରତିଶତ ରହିଥିଲା। ଆର୍ଥିକ ସେବା, ରିଅଲ ଇଷ୍ଟେଟ୍, ଆଇଟି, ➤ ପୃ-୬

### ବିଏମ୍‌ସିର ୧୦୫୦କୋଟି ଟଙ୍କାର ବଜେଟକୁ ଅନୁମୋଦନ


## ରାଜଧାନୀବାସୀଙ୍କ ମୁଣ୍ଡରେ ପଡ଼ିବ ଟିକସ ବୋଝ !



**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରବାସୀଙ୍କ ମୁଣ୍ଡରେ ଅଧିକ ଟିକସ ବୋଝ ଲଦିପାରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ବିଏମସିର ୧୦୫୦କୋଟି ଟଙ୍କାର ବଜେଟକୁ ଅନୁମୋଦନ ମିଳିବା ପରେ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ତେବେ ପୌର ନିର୍ବାଚନୀ ବର୍ଷରେ ବିଏମସି ନିଜର ଟିକସ ବୃଦ୍ଧି ଟାର୍ଗେଟକୁ ପୂରଣ କରିବା ପାଇଁ ରାଜଧାନୀବାସୀଙ୍କ ମୁଣ୍ଡରେ ଅତିରିକ୍ତ ଟିକସ ବୋଝ ଲଦିବ ନା ଅନ୍ୟକେଉଁ ସୂତ୍ରରୁ ଏହାକୁ ଭରଣା କରିବ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ, ବିଏମସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୦୫୦କୋଟି ଟଙ୍କାର ବଜେଟକୁ ଅନୁମୋଦନ ମିଳିଛି। ଏହି ବୈଠକ ପରେ ବଜେଟ୍ ସମ୍ପର୍କରେ ସୂଚନା ଦେଇ ବିଏମସି ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ କହିଛନ୍ତି ଯେ,ବିଏମସି ନିଜର ବିକାଶ ପାଇଁ ସଂପୂର୍ଣ୍ଣ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭରଶୀଳ। ଏବେ ସରକାର ଅନୁଦାନ ପାଇଁ ୧୨.୬୫ ପ୍ରତିଶତ ଆୟ ବୃଦ୍ଧି କରିବାକୁ ସରକାର ସର୍ତ୍ତ ରଖିଛନ୍ତି। ସେଥିପାଇଁ ବିଏମସି ନିଜସ୍ୱ ଆୟ ୩୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ପରୋକ୍ଷରେ ବିଏମସି ନିଜର ଆୟ ବୃଦ୍ଧି ପାଇଁ ବିଭିନ୍ନ ସେବା ଶୁଳ୍କ ଓ ଟିକସ ବୃଦ୍ଧି କରି ସହରବାସୀଙ୍କ ଉପରେ ଟିକସ ବୋଝ ଲଦିବାର ଆଶଙ୍କା ରହିଛି। ବିଏମସି ବଜେଟର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଏହାର ବ୍ୟୟବରାଦର ଶୈଳୀ। ମୋଟ ୧୦୫୦ କୋଟି ମଧ୍ୟରୁ ପ୍ରାୟ ୮୦୪ କୋଟି ୮୮ ଲକ୍ଷ ଟଙ୍କା କେବଳ ପ୍ରଶାସନିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଓ ପେନସନ ବାବଦରେ ଖର୍ଚ୍ଚ ହେବ। ତେବେ ବିଏମସିର ୭୬ପ୍ରତିଶତ ବଜେଟ୍ ଅର୍ଥ କେବଳ ପ୍ରଶାସନିକ ବ୍ୟୟରେ ଲାଗୁଥିବାର ସହରର ଭିତ୍ତିଭୂମି ଉନ୍ନତି କେବଳ ଧର୍ମକୁ ଆଖିଠାର ସଦୃଶ ହୋଇଛି। ବଜେଟ୍ ଆକଳନ ଅନୁସାରେ ୨୦୨୬-୨୭ ଆର୍ଥିକ ବର୍ଷରେ ବିଏମସିର ନିଜସ୍ୱ ଆୟ ୩୦୦ କୋଟି ଟଙ୍କା ➤ ପୃ-୬

### ସହର ପାଇଁ କୋହଳ ହେଲା ବିଲଡିଂ ପ୍ଲାନ୍


## ୪୩ ୱାର୍ଡରେ ବୈଧ




**କଟକ :** ହଜାରେ ବର୍ଷ ପୁରୁଣା ଐତିହାସିକ କଟକ ସହରର ପୁରୁଣା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଖୁସିଖବର। ସହରର ୪୩ଟି ୱାର୍ଡରେ ଏଣିକି କୋଠାବାଡ଼ି ନିର୍ମାଣ କରିବା ସହଜ ହେବ। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ନିଜର ବିଲଡିଂ ପ୍ଲାନକୁ କୋହଳ କରି ଏହି ପୁରୁଣା ଅଞ୍ଚଳ ପାଇଁ ସ୍ୱତନ୍ତ୍ର ନିୟମ କାର୍ଯ୍ୟକାରୀ କରିଛନ୍ତି। ସିଡିଏ ପକ୍ଷରୁ 'ପୁରୁଣା ଅଞ୍ଚଳ ପାଇଁ ଯୋଜନା ଓ ଗୃହ ନିର୍ମାଣ ମାନକ ନିୟମାବଳୀ-୨୦୨୬' ଆନୁଷ୍ଠାନିକ ଭାବେ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ ପାଇଛି। ଏହି ନୂଆ ନିୟମ କାର୍ଯ୍ୟକାରୀ ହେବା ଫଳରେ ସହରର କୋର ଏରିଆ ବା ପୁରୁଣା ବସ୍ତି ଅଞ୍ଚଳରେ ଘର ନିର୍ମାଣ ନକ୍ସା ଅନୁମୋଦନ ପ୍ରକ୍ରିୟାରେ ଥିବା ଜଟିଳତା ଦୂର ହୋଇପାରିବ। ବିଶେଷକରି ସହରର ୪୩ଟି ୱାର୍ଡ ଯେଉଁଠି ବହୁ ପୁରାତନ କାଳରୁ ସଂକୀର୍ଣ୍ଣ ଗଳି ଓ ଛୋଟଛୋଟ ଜମି ରହିଛି। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲସ-୨୦୨୦ର ପ୍ରାବଧାନ ଆଧାରରେ କଟକ ସହରର ପୁରୁଣା ଅଞ୍ଚଳରେ ବିଲଡିଂ ପ୍ଲାନ ଅନୁମୋଦନ ଦେବା କଷ୍ଟକର ହେଉଥିଲା। ➤ ପୃ-୬

### ୧୯୮୩ ମସିହାର ପୁରାତନ ବ୍ୟବସ୍ଥାରେ ଲାଗିବ ପୂର୍ଣ୍ଣଚ୍ଛେଦ

## ୪୨ ବର୍ଷ ପରେ ବଦଳିବ ରଥ କୋଡ୍



**ପୁରୀ :** ଥଯାତ୍ରା ପରିଚାଳନାରେ ଆସିବ ବଡ଼ ପରିବର୍ତ୍ତନ। ଗତ ଦୁଇ ବର୍ଷର ଅଭିଜ୍ଞତା ଓ ଅଘଟଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ୪୨ ବର୍ଷ ପରେ ସଂଶୋଧିତ ହେବାକୁ ଯାଉଛି 'ରଥ କୋଡ୍-୧୯୮୩'। ଭିଡ଼ ନିୟନ୍ତ୍ରଣଠାରୁ ଆରମ୍ଭ କରି ଏଆଇ ବ୍ୟବହାର ଓ ସେବାୟତଙ୍କ ଶୃଙ୍ଖଳା ପର୍ଯ୍ୟନ୍ତ, ସବୁଥିରେ ହେବ ବ୍ୟାପକ ସଂସ୍କାର। ଏନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରସ୍ତୁତ ହୋଇଛି ବ୍ଲୁ-ପ୍ରିଣ୍ଟ। ରଥଯାତ୍ରା ପରିଚାଳନା ପାଇଁ ଏବେ ନୂଆ ରୂପରେ ଆସିବ 'ରଥ କୋଡ୍'। ବର୍ତ୍ତମାନର ସ୍ଥିତିକୁ ଦେଖି ପ୍ରଚଳିତ ବିଧି ବ୍ୟବସ୍ଥାରେ ବ୍ୟାପକ ସଂଶୋଧନ ପାଇଁ ମାନସ ମନ୍ଥନ ଆରମ୍ଭ କରିଛନ୍ତି ସରକାର। ବିଶେଷ କରି କ୍ରାଉଡ୍ ମ୍ୟାନେଜମେଣ୍ଟ, ରଥ ଟଣା, ପହଣ୍ଡି କୌଶଳ ଏବଂ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ସୁଦୂରପ୍ରସାରୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ➤ ପୃ-୬

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ସରକାରୀ ଜମି ଦଖଲ କରିଥିଲେ ବି ମିଳିବନି ଅଧିକାର



**କଟକ :** ବହୁ ବର୍ଷଧରି ସରକାରୀ ଜମିକୁ ଅନଧିକୃତ ଭାବେ ଦଖଲରେ ରଖିଥିଲେ ବି ଜବରଦଖଲକାରୀ ଏହା ଉପରେ ଆଇନଗତ ଅଧିକାର ପାଇ ପାରିବେ ନାହିଁ। ସରକାରୀ ଜମିରୁ ଜବରଦଖଲ ନିଶ୍ଚିତ ଭାବେ ଉଚ୍ଛେଦ କରାଯିବ। ଏଭଳି ବେଆଇନ ଦଖଲ ପ୍ରସଙ୍ଗରେ ସହଯୋଗ କରୁଥିବା ଓ ପ୍ରଶ୍ରୟ ଦେଉଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ସ୍ଥଳେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜବରଦଖଲ ବିଶେଷ କରି ବହୁ ଅବଧି ପାଇଁ ଅନୁମତି ଦିଆଯିବା ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଉଚିତ। ଅତୀତରେ ହୋଇଥିବା ତ୍ରୁଟି ପାଇଁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ବହୁ ସମୟରେ ପ୍ରାରମ୍ଭିକ ସ୍ତରରେ ଜବରଦଖଲ ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପ୍ରସଙ୍ଗରେ ରାଜସ୍ୱ ନିରୀକ୍ଷକ ଓ କ୍ଷେତ୍ରସ୍ତରର ଅଧିକାରୀ ବିଫଳ ହେଉଛନ୍ତି। ସଂଶୋଧନ କରିବା କଷ୍ଟକର ଭଳି ସ୍ଥିତି ଆସିବା ପରେ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରଙ୍କ ମାଲିକାନାରେ ଥିବା ଜମିର ସୁରକ୍ଷା ସଂପୃକ୍ତ ସରକାରୀ ଅଧିକାରୀଙ୍କ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଜୟପୁର ପୁରୁଣା ବସଷ୍ଟାଣ୍ଡ ନିକଟ ତଥା ଏସ୍ଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମିରୁ ଉଚ୍ଛେଦ ସପକ୍ଷରେ ଜଣିକିଆ ଖଣ୍ଡପୀଠ ପ୍ରଦାନ କରିଥିବା ➤ ପୃ-୬

### ବକ୍ରବାଣୀ



ଶଙ୍କରାଚାର୍ଯ୍ୟ ଓ ଯୋଗୀ ମାମଲା
ପୋସ୍କୋ ଅଦାଲତ ଆଡ଼କୁ ଗଲା
ବଟୁକ ଟୋକାଙ୍କ ଯୌନ ଶୋଷଣ
କରି କରୁଥିଲା ମନ ତୋଷଣ
ଏମିତି ଆରୋପ ମିଛ ନା ସତ
ନ ପାଏ ସେଠାକୁ ପୋଲିସି ହାତ
ସନାତନେ ଆଜି ଲାଗିଚି ନିଆଁ
ହିନ୍ଦୁ ଚାହିଁଛନ୍ତି ହୋଇ ଭକୁଆ
ରାଜନୀତି ଆଗେ ଧର୍ମଟା ଛାର
ପ୍ରମାଣିତ ହୁଏ ବାରକୁ ବାର।

— ଟୁଟୁ

### 'ବିକାଶ ମନ୍ଥନ ୧.୦ – ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ' ପରାମର୍ଶ ସମ୍ମିଳନୀ

## ରାଜ୍ୟର ଉଚ୍ଚ ଅଭିବୃଦ୍ଧି ପାଇଁ ବହୁମୁଖୀ ରୋଡମ୍ୟାପ୍ ପ୍ରସ୍ତୁତ



**ଭୁବନେଶ୍ୱର :** 'ବିକାଶ ମନ୍ଥନ ୧.୦ – ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ' ପରାମର୍ଶ ସମ୍ମିଳନୀର ପ୍ରଥମ ଦିନର ଚତୁର୍ଥ ତଥା ଶେଷ ଅଧିବେଶନର ଆଲୋଚନା "ସମୃଦ୍ଧ ଓଡ଼ିଶା" ପ୍ରସଙ୍ଗ ଉପରେ ପର୍ଯ୍ୟବସିତ ଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନେ ଶିଳ୍ପ ସମ୍ପ୍ରସାରଣ, ସେବା କ୍ଷେତ୍ରର ରୂପାନ୍ତରଣ, ସହରୀ ସଂସ୍କାର, ପରିବହନ କ୍ଷେତ୍ରରେ ଅନୁଷଙ୍ଗିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ମାଧ୍ୟମରେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାପକ ଆଲୋଚନା କରିଥିଲେ। ଏହି ଅଧିବେଶନ ଓଡ଼ିଶାର ଉଦୀୟମାନ ଅର୍ଥନୈତିକ ପ୍ରଗତି ପ୍ରତି ଏକ ସକାରାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିବା ସହ ନିର୍ଦ୍ଧାରିତ ସମୟସୀମା ଭିତ୍ତିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲା। ଏଥିରେ ଯୋଗ ଦେଇ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଓଡ଼ିଶାର ଅର୍ଥନୀତିରେ ଶିଳ୍ପ କ୍ଷେତ୍ରର ଅବଦାନ ପ୍ରାୟ ୪୨ ପ୍ରତିଶତ ରହିଛି ଏବଂ ଏହାର ଆହୁରି ସମ୍ପ୍ରସାରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବିନିର୍ମାଣ ବା ମାନ୍ୟୁଫ୍ୟାକଚରିଙ୍ଗ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିର ବହୁଳ ସମ୍ଭାବନା ଥିବା ଦର୍ଶାଇ ସେ କେବଳ ଖଣି-ଭିତ୍ତିକ ଅର୍ଥନୀତି ପରିବର୍ତ୍ତେ ଧାତବ ଶିଳ୍ପ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ (ଭାଲ୍ୟୁ ଆଡିସନ) କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାର ସାମୁଦ୍ରିକ ଉପକୂଳର ସୁବିଧାକୁ ନେଇ ସେ ପେଟ୍ରୋକେମିକାଲ୍ ଏବଂ କୋଷ୍ଟାଲ୍ କେମିକାଲ୍ ଇକୋସିଷ୍ଟମ୍ ଗଠନ ସହ ଖାଦ୍ୟ ପ୍ରକ୍ରିୟାକରଣ ଓ ବୟନ ଶିଳ୍ପକୁ ଉଦୀୟମାନ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି। ଏଥିସହ ଗ୍ରୀନ୍ ଏନର୍ଜି ଉପକରଣ ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ କ୍ଷେତ୍ର ଓଡ଼ିଶାର ଶିଳ୍ପ ପରିସୀମାକୁ ଆଗାମୀ ବର୍ଷମାନଙ୍କରେ ଆହୁରି ବ୍ୟାପକ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ଶାନ୍ତି ପାଇଁ ସମସ୍ୟାର ସମାଧାନ ପାଇଁ ଯତ୍ନବାନ ହୁଅନ୍ତୁ। ଅଚାନକ ଧନପ୍ରାପ୍ତି ହୋଇପାରେ। ଘରୋଇ କଳହରୁ ଦୂରେଇ ରହନ୍ତୁ। କର୍ମକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ସାବଧାନ ରୁହନ୍ତୁ। ଲକ୍ଷପ୍ରାପ୍ତି ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଭଲ ରହିବ। ବେପରୁଆ ଭାବରେ ଖର୍ଚ୍ଚ କରନ୍ତୁ ନାହିଁ। ଖାଲି ସମୟରେ କୌଣସି ଭଲ କାମ କରିପାରନ୍ତି। ଶିକ୍ଷାରେ ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପ୍ରେମ ସମ୍ପର୍କରେ ସ୍ଥିରତା ପାଇଁ, ଅପୋଷ ଆଲୋଚନା କରନ୍ତୁ।

**ମିଥୁନ** କର୍ମକ୍ଷେତ୍ରର ବୋଝ ବଢ଼ିବ ଓ ବ୍ୟସ୍ତ ରହିବେ। ପୂର୍ବରୁ ଉଦ୍ଧାର ଶୁଝିବା ପାଇଁ ବାଧ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁ ଦର୍ଶନ ଯୋଗ ଅଛି। ନୂତନ ବ୍ୟବସାୟ କରିପାରନ୍ତି। ଦାମ୍ପତ୍ୟ କଳହ ହୋଇପାରେ।

**କର୍କଟ** ମାଦକଦ୍ରବ୍ୟ ସେବନରୁ ଦୂରେଇ ରୁହନ୍ତୁ। ଆର୍ଥିକ କ୍ଷତି ହୋଇପାରେ। ସ୍ୱାସ୍ଥ୍ୟ ଖରାପ ରହିପାରେ। ଧନଲାଭର ସମ୍ଭାବନା ଅଛି। ସମ୍ମାନ ପ୍ରାପ୍ତି ହେବ। ଛାତ୍ରମାନେ ପାଠରେ ମନ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ସିଂହ** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସକାଳେ ବ୍ୟାୟାମ କରନ୍ତୁ। ଅଧିକ ସଂଚିତ ଧନ ଖର୍ଚ୍ଚ ହେବ। କର୍ମକ୍ଷେତ୍ରରେ କାର୍ଯ୍ୟର ବୋଝ ବଢ଼ିବ। ମାନସିକ ଶାନ୍ତି ପାଇଁ ନିଜ ଲୋକଙ୍କ ସହ ସମୟ କାଟନ୍ତୁ। ପ୍ରେମ ସମ୍ପର୍କ ସୁଦୃଢ଼ ହେବ।

**କନ୍ୟା** ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ଧନ ଖର୍ଚ୍ଚର ଯୋଗ ଅଛି। ପରିବାରରେ ସମ୍ପର୍କ ବୃଦ୍ଧି ପାଇବ। ସପ୍ତାହର ଶେଷ ଭାଗରେ କୌଣସି ପୁରୁଣା ବନ୍ଧୁଙ୍କୁ ଦେଖା ହୋଇପାରେ। ବୁଝିବିଚାରି କୌଣସି ନିଷ୍ପତ୍ତି ନିଅନ୍ତୁ।

**ତୁଳା** ନିଜକୁ ସୁସ୍ଥ ରଖିବା ପାଇଁ ଆପଣ ଯତ୍ନବାନ ହୁଅନ୍ତୁ। ନୂଆ ବ୍ୟବସାୟରେ ସଫଳତା ମିଳିବ। କୌଣସି ଅଜଣା ସମସ୍ୟାରେ ପଡିପାରନ୍ତି। ଶିକ୍ଷାକ୍ଷେତ୍ରରେ ନିଜ ପ୍ରଚେଷ୍ଟା ବଳରେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ।

**ବିଛା** ପୁରୁଣା ରୋଗରୁ ମୁକ୍ତି ମିଳିବ। ବିଚାର ବିମର୍ଷ କରି ଅର୍ଥ ଲଗାଣ କରନ୍ତୁ। ପରିବାର ସହିତ ଅଧିକ ସମୟ କଟାଇବେ। କାର୍ଯ୍ୟକ୍ଷେତ୍ରରେ ମାନସିକ ଚାପରେ ରହିବେ। ଛାତ୍ରମାନେ ପାଠପଢ଼ା ଉପକରଣ କ୍ରୟ କରିପାରନ୍ତି।

**ଧନୁ** ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ। ବ୍ୟବସାୟରେ ଧନ ବିନିଯୋଗ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ଛାତ୍ରମାନେ ପାଠପଢ଼ାରୁ ବ୍ୟତିରେକ ହୋଇ ମଉଜ ମଜଲିସରେ ମନଦେବେ।


**ମକର** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଅର୍ଥ ଲାଭର ଯୋଗ ଅଛି। ମାଆଙ୍କର ସ୍ୱାସ୍ଥ୍ୟ ଉନ୍ନତି ହେବ। ପୂର୍ବରୁ ବିନିଯୋଗ ଅର୍ଥରୁ ହଠାତ୍ ଅର୍ଥପ୍ରାପ୍ତି ହେବ। ଛାତ୍ରମାନଙ୍କୁ ଭଲ ସ୍ଥାନରେ ପ୍ରବେଶ ମିଳିପାରେ। ପ୍ରେମ ସମ୍ପର୍କରେ ଉନ୍ନତି ହେବ।

**କୁମ୍ଭ** ମନ ଚଞ୍ଚଳ ରହିବ। ନୂତନ ଚାକିରି ମିଳିପାରେ। ଅର୍ଥପ୍ରାପ୍ତି ଯୋଗ ଅଛି। ପୁରୁଣା ଋଣ ପରିଶୋଧ କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ମିଳିବ। ପ୍ରେମ ସମ୍ବନ୍ଧରେ ସୁଧାର ଆସିବ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣର ଯୋଗ ଅଛି।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ତାମସିକ ଭୋଜନରୁ ଦୂରେଇ ରୁହନ୍ତୁ। ନିଜର କିଛି ବସ୍ତୁ ଚୋରି ହୋଇପାରେ। ଅତିଥିଙ୍କ ଆଗମନ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଶିକ୍ଷା କ୍ଷେତ୍ରରେ ସଫଳତା ପାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ସୁପ୍ରିମ୍‌କୋର୍ଟଙ୍କ ନାଲି ଆଖି ପରେ ଏନ୍‌ସିଆରଟି ବହିରୁ ହଟିବ ‘ନ୍ୟାୟିକ ଦୁର୍ନୀତି’




**ନୂଆଦିଲ୍ଲୀ :** ନ୍ୟାଶନାଲ କାଉନସିଲ ଅଫ ଏଡୁକେସନ ରିସର୍ଚ୍ଚ ଓ ଟ୍ରେନିଂ(ଏନସିଇଆରଟି) ପକ୍ଷରୁ ପ୍ରକାଶିତ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ବିଷୟବସ୍ତୁ ବଦଳିବ। ଏଥିରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ବିଷୟକୁ ନେଇ ପ୍ରବଳ ବିବାଦ ଦେଖା ଯାଇଥିଲା। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଏହାକୁ ନେଇ ଖପ୍ପା ମଧ ହୋଇଥିଲେ। ସୁପ୍ରିମକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଧମକ ପରେ ବହିରୁ ନ୍ୟାୟିକ ଦୁର୍ନୀତି ବିଷୟକୁ ବାଦ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଦୁର୍ନୀତି ବିଷୟବସ୍ତୁକୁ ୮ମ ଶ୍ରେଣୀ ବହିରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରୀ ସୂତ୍ରରେ କୁହାଯାଇଛି ଯେ ଏ ବିଷୟରେ ଲେଖା ଯିବାର ହିଁ ନଥିଲା। ଏପରି ବିଷୟବସ୍ତୁକୁ ସାର୍ବଜନୀନ କରିବା ଠିକ ନୁହେଁ। ଏହା ବଦଳରେ ନ୍ୟାୟପାଳିକା ଦେଉଥିବା ପ୍ରେରଣା ସମ୍ପର୍କରେ ବହିରେ ଉଲ୍ଲେଖ କରାଯିବାର ଥିଲା। ସୂତ୍ରରେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇଙ୍କ ଉକ୍ତିକୁ ମଧ ସାମିଲ କରାଯାଇଛି। ସେ ବହିରେ ଉଲ୍ଲେଖ ଥିବା ବିଷୟ ବସ୍ତୁକୁ ଠିକ ନୁହେଁ ଓ ଅଶୋଭନୀୟ ବୋଲି କହିଛନ୍ତି। ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ମଧ ଏହାକୁ ନେଇ ଏନସିଇଆରଟି ଉପରେ ଖପ୍ପା ହୋଇଥିଲେ। ସୁପ୍ରିମକୋର୍ଟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ସରକାର ନ୍ୟାୟିକ ଦୁର୍ନୀତିକୁ ବହିରୁ ହଟାଇବାକୁ ପ୍ରସ୍ତୁତି ହେଉଛନ୍ତି। ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିବା ସହ ନ୍ୟାୟପାଳିକାର ସଦସ୍ୟମାନେ ବହିରେ ଥିବା ବିଷୟବସ୍ତୁକୁ ଦେଖି କ୍ଷୁବ୍ଧ ହୋଇଥିବା କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଥିଲେ ଯେ ସୁପ୍ରିମକୋର୍ଟ କେବେ ହେଲେ ହିଁ ନ୍ୟାୟପାଳିକାର ଅଖଣ୍ଡତାକୁ ହାନୀ ହେବାକୁ ଦେବେ ନାହିଁ। ସେହିପରି ମାମଲାକୁ ନିଜ ଆଡୁ ବିଚାରକୁ ନେବା ସହ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେଇପାରନ୍ତି ବୋଲି ମଧ ମତ ରଖିଥିଲେ। ପୂରା ପ୍ରସଙ୍ଗକୁ ନିଜ ଆଡୁ ବିଚାର କରି ସିଜେଆଇ କହିଥିଲେ ଯେ ତାଙ୍କ ପାଖକୁ ଏକାଧିକ ହାଇକୋର୍ଟ ବିଚାରପତିଙ୍କ ନିୟମିତ କଲ ଓ ମେସେଜ ଆସୁଛି। ସମସ୍ତେ ଏହି ବିଷୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏନସିଇଆରଟି ବହିରେ ବଦଳିଥିବା ବିଷୟବସ୍ତୁ ସମ୍ପର୍କରେ ଉଲ୍ଲେଖ କରି ବରିଷ୍ଠ ଆଇନଜୀବୀ କପିଲ ଶିବଲ କୋର୍ଟଙ୍କୁ ଜଣାଇଥିଲେ ଯେ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗକୁ ନେଇ ବାର ଆସୋସିଏସନର ବରିଷ୍ଠ ସଦସ୍ୟମାନେ ବିଚଳିତ ହୋଇପଡ଼ିଛନ୍ତି। ସିଜେଆଇ କହିଥିଲେ ଯେ “ମୋତେ ଏହି ପ୍ରସଙ୍ଗରେ ଅନେକ ହାଇକୋର୍ଟର ବିଚାରପତି ଫୋନ ଓ ମେସେଜ କରିଛନ୍ତି। ମୁଁ କେବେ ହେଲେ କାହାକୁ ବି ନ୍ୟାୟପାଳିକାର ଅଖଣ୍ଡତାକୁ ଅସମ୍ମାନ କିମ୍ବା ଏହା ଉପରେ ପ୍ରଶ୍ନ ଉଠାଇବାକୁ ଦେବି ନାହିଁ। ଦରକାର ପଡ଼ିଲେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ।” ଏହି ପ୍ରସଙ୍ଗକୁ ସରକାର ଓ ନ୍ୟାୟପାଳିକା ମଧରେ ନୂଆ ବିବାଦ ବୋଲି କହି ସିଜେଆଇ ଜୋର ଦେଇ କହିଛନ୍ତି ଯେ ମାମଲା ଯେତେ ଆଗକୁ ବଢ଼ିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ନ୍ୟାୟପାଳିକା ଉପରେ କୌଣସି ପ୍ରକାରର ଆକ୍ରମଣକୁ ଅନୁମତି ମିଳିବନି। ସେ କହିଛନ୍ତି, “ଏହା ନ୍ୟାୟପାଳିକା ଉପରେ ଗୋଟିଏ ଯୋଜନାବଦ୍ଧ ଓ ଗଭୀର ଷଡ଼ଯନ୍ତ୍ରର ଅଂଶବିଶେଷ ଭଳି ମନେ ହେଉଛି। ଆମେ କାହାକୁ ବି ନ୍ୟାୟିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ ଅନୁମତି ଦେବୁ ନାହିଁ।”

## ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ଉତ୍ତରଦାୟୀ ରୁହନ୍ତୁ ଡିଜିଟାଲ ପ୍ଲାଟ୍‌ଫର୍ମ: ଅଶ୍ୱିନୀ



**ନୂଆଦିଲ୍ଲୀ :** ଡିଜିଟାଲ ପ୍ଲାଟ୍‌ଫର୍ମ ଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ନୂତନତ୍ୱ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି। ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରସ୍ତୁତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକ ପ୍ରଭାବଶାଳୀ ଗଣମାଧମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା ଅଶ୍ୱିନୀ କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ,ପ୍ରଯୁକ୍ତି, କଳା ଓ ଭାଷାରେ ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ। ସମସ୍ତ ପ୍ଲାଟଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମ ଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ଅନ୍‌ଲାଇନ ସୁରକ୍ଷା, ଖବରର ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା ଆଦି ସମସ୍ୟା ସହ ସମାଜ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

## ‘ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରାଯିବ’



**ପାଟନା :** ବିହାରର ଆରାରିଆ ଜିଲ୍ଲାର ଭାରତ-ନେପାଳ ସୀମାନ୍ତ ଲେଟି ସୀମାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏସ୍‌ଏସ୍‌ବି ଶିବିରର ଉଦ୍‌ଘାଟନ କରିଛନ୍ତି। ସୀମା ସୁରକ୍ଷା ପାଇଁ ଏହି ଏସ୍‌ଏସ୍‌ବି ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଦ୍‌ଘାଟନ ସମୟରେ ସେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତି। ଅମିତ ଶାହ କହିଛନ୍ତି, ଆମେ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଭାରତୀୟ ମାଟିରୁ ବିତାଡିତ କରିବା ପାଇଁ କାମ କରିବୁ। ସେମାନଙ୍କୁ ଖୋଜି ଖୋଜି ଦେଶରୁ ବାହାର କରାଯିବ। ନିର୍ବାଚନ ସମୟରେ ଆମେ ବିହାରର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ, ଆମେ ବିହାରକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବୁ। ଏହାର ଅର୍ଥ କେବଳ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ବାଦ୍ ଦେବା ନୁହେଁ। ଆମେ ପ୍ରତି ଅନୁପ୍ରବେଶକାରୀଙ୍କୁ ଭାରତ ମାଟିରୁ ବାହାର କରିବାକୁ ସଂକଳ୍ପବଦ୍ଧ। ଗୃହମନ୍ତ୍ରୀ କହିଛନ୍ତି, ବିଜେପି ଏବଂ ଆମ ସରକାର ସ୍ପଷ୍ଟ କରିବାକୁ ଚାହୁଁଛନ୍ତି ଯେ, ଏହି ପ୍ରତିଶ୍ରୁତି ନିର୍ବାଚନ ପ୍ରତିଶ୍ରୁତି ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ସମଗ୍ର ଦେଶକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ। ଏହା ଖୁବ୍ ଶୀଘ୍ର ସୀମାଞ୍ଚଳ ଅଞ୍ଚଳରେ ଆରମ୍ଭ ହେବ। ମୁଁ ନିଜେ ନିର୍ବାଚନ ସମୟରେ ସୀମାଞ୍ଚଳରେ ଚାରି ଦିନ ବିତାଇଥିଲି, ଅନେକ ଜିଲ୍ଲା ଗସ୍ତ କରିଥିଲି। ସମଗ୍ର ସୀମାଞ୍ଚଳ ଅଞ୍ଚଳକୁ ଅନୁପ୍ରବେଶକାରୀଙ୍କ ଠାରୁ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲି। ସାଧାରଣତଃ ନେତାମାନଙ୍କୁ ସେମାନଙ୍କର ପ୍ରତିଶ୍ରୁତି ଜନତାଙ୍କୁ ମନେ ପକାଇବାକୁ ପଡ଼ିଥାଏ, କିନ୍ତୁ ଆଜି ମୁଁ ସୀମାଞ୍ଚଳର ଲୋକମାନଙ୍କୁ ମୋର ନିଜ ପ୍ରତିଶ୍ରୁତି ମନେ ପକାଇବାକୁ ଚାହୁଁଛି କାରଣ ମୋତେ ସେମାନଙ୍କର ସମର୍ଥନ ଆବଶ୍ୟକ। ଅନୁପ୍ରବେଶକାରୀମାନେ କେବଳ ନିର୍ବାଚନକୁ ପ୍ରଭାବିତ କରନ୍ତି ନାହିଁ, ସେମାନେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ରାସନ ମଧ ଚୋରି କରନ୍ତି। ସେମାନେ ଯୁବବର୍ଗମାନଙ୍କ ନିଯୁକ୍ତି ସମ୍ଭାବନାକୁ ହ୍ରାସ କରିବା ସହ ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥାନ୍ତି। ସାରା ଦେଶରେ ଏହି ସମସ୍ୟାର ସମାଧାନ ହେବ। ଭାରତକୁ ଅନୁପ୍ରବେଶକାରୀଙ୍କ ଠାରୁ ମୁକ୍ତ କରିବା ପାଇଁ ଅଭିଯାନ ହାତକୁ ନେବାର ସମୟ ଆସିଛି। ଅମିତ ଶାହ କହିଛନ୍ତି, ଏହି ଅଭିଯାନର ଅଂଶ ସ୍ୱରୂପ ସୀମାର ୧୦ କିଲୋମିଟର ମଧ୍ୟରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ଭାଙ୍ଗି ଦିଆଯିବ ଓ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପାଇଁ ମଧ ପ୍ରୟାସ କରାଯିବ।

## ମାର୍ଚ୍ଚ ୧୬ରେ ୩୭ ଆସନ ପାଇଁ ରାଜ୍ୟସଭା ନିର୍ବାଚନ



**ନୂଆଦିଲ୍ଲୀ :** ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବ ରାଜ୍ୟସଭା ନିର୍ବାଚନ। ଏ ନେଇ ଗତ ୧୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ ପ୍ରେସ୍ନୋଟ୍ ଜାରି କରି ସୂଚନା ଦେଇଥିବା ବେଳେ ଆଜି ବିଧିବଦ୍ଧ ଭାବେ ପ୍ରକାଶ ପାଇଛି ବିଜ୍ଞପ୍ତି। ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ। ତା’ ମଧ୍ୟରେ ଓଡ଼ିଶାର ୪ଟି ଆସନ ରହିଛି। ରାଜ୍ୟସଭା ନିର୍ବାଚନ ପାଇ ମାର୍ଚ୍ଚ ୫ ହେଉଛି ନାମାଙ୍କନ ଦାଖଲର ଶେଷ ତାରିଖ। ୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ମାର୍ଚ୍ଚ ୯ ହେଉଛି ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ। ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ନ ୪ ଯାଏ ଭୋଟ୍ ଗ୍ରହଣ କରାଯିବ। ଅପରାହ୍ନ ୫ଟାରେ ହେବ ଭୋଟ୍ ଗଣତି। ଓଡ଼ିଶାର ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ଏହି ସାଂସଦମାନେ ହେଉଛନ୍ତି- ମମତା ମହାନ୍ତ, ମୁନା ଖାନ୍, ସୁଜିତ୍ କୁମାର ଓ ନିରଞ୍ଜନ ବିଶି। ବିଜେପି ଓ ବିଜେଡି କାହାକୁ ରାଜ୍ୟସଭା ପଠାଇବାକୁ ସ୍ଥିର କରିଛନ୍ତି, ତାହା ଏଯାବତ ଜଣାପଡ଼ିନି। ତେବେ ବିଜେଡିକୁ ଗୋଟିଏ ଓ ବିଜେପିକୁ ୩ଟି ମିଳିବାର ସମ୍ଭାବନା ରହିଛି। ଏପ୍ରିଲ ୨ ତାରିଖରେ ମହାରାଷ୍ଟ୍ରର ୭ଟି ରାଜ୍ୟସଭା ଆସନ ଖାଲି ହେଉଥିବା ବେଳେ ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ଟି ଆସନ ଖାଲି ହେବ। ସେହିପରି ଏପ୍ରିଲ ୯ ତାରିଖରେ ଆସାମର ୩ଟି ରାଜ୍ୟସଭା ଆସନ ଖାଲି ହେବାକୁ ଥିବା ବେଳେ ବିହାରର ୫ଟି, ଛତିଶଗଡ଼ର ୨, ହରିୟାଣାର ୨, ହିମାଚଳ ପ୍ରଦେଶର ଗୋଟିଏ ଓ ତେଲେଙ୍ଗାନାର ୨ଟି ଆସନ ଖାଲି ହେବାକୁ ଯାଉଛି। ଏହି ସବୁ ରାଜ୍ୟରେ ଏହି ଆସନଗୁଡ଼ିକ ପାଇଁ ମାର୍ଚ୍ଚ ୧୬ରେ ନିର୍ବାଚନ ଅନୁଷ୍ଠିତ ହେବ।

### ଜଳବାୟୁ ପରିବର୍ତ୍ତନ ଯୋଗୁ ବଦଳୁଛି ବାଘଙ୍କ ଆଚରଣ

# ମଣିଷଙ୍କ ଉପରେ ବଢୁଛି ଆକ୍ରମଣ



**ନୂଆଦିଲ୍ଲୀ :** ସିଏସ୍‌ଇ ଦ୍ୱାରା ପ୍ରକାଶିତ ଭାରତର ପରିବେଶ ସ୍ଥିତି(ଏସ୍‌ଓଇ-୨୦୨୬) ରିପୋର୍ଟରେ ବାଘଙ୍କ ବଦଳୁଥିବା ଆଚରଣ ଉପରେ ଆଲୋଚନା କରାଯାଇଛି। ଜଳବାୟୁ ପରିବର୍ତ୍ତନ ମଧବାଘଙ୍କ ଆଚରଣକୁ ପରିବର୍ତ୍ତନ କରୁଥିବା ଏଥିରେ ଉଲ୍ଲେଖ କରାଯାଇଛି। ସେମାନଙ୍କ ବାସସ୍ଥାନରେ ପରିବେଶଗତ ପରିବର୍ତ୍ତନ, ଜଙ୍ଗଲ ନିକଟରେ ବିଭିନ୍ନ ଶବ୍ଦ ତଥା ଗାଡ଼ି ଚଳାଚଳ ଓ ଅବନତିଶୀଳ ପରିସ୍ଥିତି ଭାରତରେ ବାଘଙ୍କଠାରେ ଆଚରଣଗତ ପରିବର୍ତ୍ତନ ଆଣୁଛି। ସେମାନଙ୍କର ମାନସିକ ସ୍ଥିତି ବିଗିଡ଼ି ଯାଉଛି। ରିପୋର୍ଟ ଅନୁଯାୟୀ, ବାଘମାନେ ବହୁତ କମ୍ ଅଭ୍ୟାସଗତ ମଣିଷଖିଆ ହୋଇଥାଆନ୍ତି। ବାଘ କେବଳ ବୃଦ୍ଧ କିମ୍ବା ଆହତ ହେଲେ ନିଜର ଶିକାର ଶକ୍ତି ଅଭାବରୁ ମଣିଷଙ୍କୁ ଆକ୍ରମଣ କରି ଖାଇବାକୁ ଚେଷ୍ଟା କରିଥାଏ। ରିପୋର୍ଟ ଅନୁଯାୟୀ ଦେଶରେ ବାଘଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜଙ୍ଗଲର ପରିସୀମା କମି କମି ଯାଉଛି। ଜଙ୍ଗଲ ନିକଟରେ ମାନବ ଜନସଂଖ୍ୟା ମଧ ବୃଦ୍ଧି ପାଉଛି। ଦେଶର ୨୦ଟି ବାଘବହୁଳ ରାଜ୍ୟରେ ବାଘ ରହୁଥିବା ଜଙ୍ଗଲ ପରିସରର ପ୍ରାୟ ୪୦ ପ୍ରତିଶତ ଅଞ୍ଚଳରେ ୬ କୋଟି ଲୋକ ବସବାସ କରୁଛନ୍ତି। ଫଳରେ ଜଙ୍ଗଲର ଶାନ୍ତି ଭଙ୍ଗ ହେଉଛି। ଏହା ଦ୍ୱାରା ବାଘଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଯେତେବେଳେ ବାଘ ଗାଇଗୋରୁଙ୍କୁ ଖାଦ୍ୟ ପାଇଁ ଶିକାର କରିଥାଏ ସମ୍ପୃକ୍ତ ଗାଇଗୋରୁ ମାଲିକଙ୍କୁ ପ୍ରାୟତଃ ଯଥେଷ୍ଟ କ୍ଷତିପୂରଣ ମିଳିଥାଏ। ବାଘ ଦ୍ୱାରା ହେଉଥିବା ପଶୁଧନ କ୍ଷତି ଭରଣାକୁ ଏକ ସାଧାରଣ କାର୍ଯ୍ୟ ଭାବେ ଲୋକେ ଗ୍ରହଣ କରି ନେଇଥାନ୍ତି। ଫଳରେ ଏହି କ୍ଷତିପୂରଣ ବାଘକୁ ଗ୍ରାମ୍ୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଂଶ କରିଥାଏ। ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଜାନୁଆରିରୁ ଜୁନ୍ ୨୦୨୫ ପର୍ଯ୍ୟନ୍ତ ସାରା ଭାରତରେ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳଗୁଡ଼ିକରେ ପ୍ରାୟ ୪୩ ଜଣଙ୍କର ମୃତ୍ୟୁହୋଇଥିଲା। ୨୦୨୪ ମସିହାରେ ସେହି ମାସଗୁଡ଼ିକରେ, ବାଘ ଆକ୍ରମଣରେ ୪୪ ଜଣଙ୍କ ଜୀବନ ଯାଇଥିଲା। ୨୦୨୫ ମସିହାରେ ହୋଇଥିବା ୪୩ ଆକ୍ରମଣ ମଧ୍ୟରୁ ଚାରିଟିରେ ବାଘ କେବଳ ଶରୀରର କିଛି ଅଂଶ ଉପରେ ଆକ୍ରମଣ କରିଥିଲା। ବାଘଙ୍କଠାରେ ପ୍ରକାଶ ପାଉଥିବା ମଣିଷ ଉପରେ ଆକ୍ରମଣର ଧାରା ପାଇଁ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# “କେରଳ”ର ନାମ ହେଲା “କେରଳମ୍”



**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ‘କେରଳ’ ରାଜ୍ୟର ନାମ ‘କେରଳମ’ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି। କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ, ରାଷ୍ଟ୍ରପତି ଭାରତୀୟ ସମ୍ବିଧାନର ଧାରା ୩ର ସର୍ତ୍ତାବଳୀ ଅନୁଯାୟୀ ନିଜର ମତାମତ ପ୍ରକାଶ କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ନାମକ ବିଧେୟକକୁ କେରଳ ରାଜ୍ୟ ବିଧାନସଭାକୁ ପଠାଇବେ। କେରଳ ରାଜ୍ୟ ବିଧାନସଭାର ମତାମତ ଗ୍ରହଣ କରିବା ପରେ, ଭାରତ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ଏବଂ ସଂସଦରେ ‘କେରଳ’ ରାଜ୍ୟର ନାମ ‘କେରଳମ’ କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ଆଗତ କରିବା ପାଇଁ ରାଷ୍ଟ୍ରପତିଙ୍କ ସୁପାରିସ ଗ୍ରହଣ କରାଯିବ। କେରଳ ବିଧାନସଭା ୨୪.୦୬.୨୦୨୪ରେ “କେରଳ” ରାଜ୍ୟର ନାମକୁ “କେରଳମ” କରିବା ପାଇଁ ଏକ ସଂକଳ୍ପ ଗୃହୀତ କରିଥିଲା, ଯାହା ନିମ୍ନରେ ଉଲ୍ଲେଖ କରାଗଲା: ‘ଆମ ରାଜ୍ୟର ନାମ ମାଲାୟଲମ ଭାଷାରେ ‘କେରଳମ’। ୧୯୫୬ ମସିହା ନଭେମ୍ବର ୧ ତାରିଖରେ ଭାଷା ଭିତ୍ତିରେ ରାଜ୍ୟଗୁଡ଼ିକ ଗଠିତ ହୋଇଥିଲା। କେରଳ ପିରାଭି ଦିବସ ମଧ ନଭେମ୍ବର ୧ ତାରିଖରେ ପାଳିତ ହୁଏ। ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ, ମାଲାୟଲମ ଭାଷା କହୁଥିବା ଲୋକଙ୍କ ପାଇଁ ସଂଯୁକ୍ତ କେରଳ ଗଠନ ନିମନ୍ତେ ଏକ ଦୃଢ଼ ଦାବି ହୋଇଆସୁଛି। କିନ୍ତୁ ସମ୍ବିଧାନର ପ୍ରଥମ ଅନୁସୂଚୀରେ ଆମ ରାଜ୍ୟର ନାମ ’କେରଳ’ ଭାବରେ ଲିପିବଦ୍ଧ ହୋଇଛି। ଏହି ବିଧାନସଭା ସର୍ବସମ୍ମତିକ୍ରମେ ନାମ ପରିବର୍ତ୍ତନ କରି ‘କେରଳମ’ କରିବା ପାଇଁ ସମ୍ବିଧାନର ଧାରା ୩ ଅନୁଯାୟୀ ଜରୁରୀ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରୁଛି।’ ଏହା ପରେ, କେରଳ ସରକାର ସମ୍ବିଧାନର ଧାରା ୩ ଅନୁଯାୟୀ ‘କେରଳ’ ରାଜ୍ୟର ନାମକୁ ଅ ‘କେରଳମ’ କରି ସମ୍ବିଧାନର ପ୍ରଥମ ଅନୁସୂଚୀରେ ସଂଶୋଧନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ସମ୍ବିଧାନର ଧାରା ୩ ରେ ବର୍ତ୍ତମାନର ରାଜ୍ୟଗୁଡ଼ିକର ନାମ ପରିବର୍ତ୍ତନ ପାଇଁ ବ୍ୟବସ୍ଥା ଅଛି। ଧାରା ୩ ଅନୁଯାୟୀ, ସଂସଦ ଆଇନ ଦ୍ୱାରା ଯେକୌଣସି ରାଜ୍ୟର ନାମ ପରିବର୍ତ୍ତନ କରିପାରିବ। ଧାରା ୩ର ବ୍ୟବସ୍ଥାବଳୀରେ ଆହୁରି କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ସୁପାରିସ ବ୍ୟତୀତ ସଂସଦର ଉଭୟ ଗୃହରେ ଏହି ଉଦ୍ଦେଶ୍ୟରେ କୌଣସି ବିଲ୍ ଆଗତ କରାଯିବ ନାହିଁ। ଯଦି ବିଲ୍‌ରେ ଥିବା ପ୍ରସ୍ତାବ କୌଣସି ରାଜ୍ୟର କ୍ଷେତ୍ର, ସୀମା କିମ୍ବା ନାମକୁ ପ୍ରଭାବିତ କରେ ତେବେ ରାଷ୍ଟ୍ରପତିଙ୍କ ଦ୍ୱାରା ବିଲକୁ ସେହି ରାଜ୍ୟର ବିଧାନସଭାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ଅତିରିକ୍ତ ଅବଧି ମଧ୍ୟରେ ତାହା ଉପରେ ନିଜର ରାୟ ବ୍ୟକ୍ତ କରିବା ଲାଗି ସନ୍ଦର୍ଭିତ କରାଯିବା ଆବଶ୍ୟକ ଏବଂ ଏହିପରି ନିର୍ଦ୍ଦିଷ୍ଟ କିମ୍ବା ଅନୁମୋଦିତ ଅବଧି ଶେଷ ହେବା ଉଚିତ୍। କେରଳ ରାଜ୍ୟର ନାମ ପରିବର୍ତ୍ତନ କରି ‘କେରଳମ’ କରିବା ପ୍ରସଙ୍ଗ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟରେ ବିଚାର କରାଯାଇଥିଲା। କେନ୍ଦ୍ର ଗୃହ ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅନୁମୋଦନ କ୍ରମେ, କେରଳ ରାଜ୍ୟର ନାମ ପରିବର୍ତ୍ତନ କରି ‘କେରଳମ’ କରିବା ପାଇଁ କ୍ୟାବିନେଟ ସମ୍ମୁଖରେ ଆଗତ ଚିଠା ପ୍ରସ୍ତାବକୁ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ଆଇନଗତ ବ୍ୟାପାର ଏବଂ ବିଧାନପାଳିକା ବ୍ୟାପାର ବିଭାଗକୁ ମତାମତ ପାଇଁ ପଠାଯାଇଥିଲା। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ଆଇନଗତ ବ୍ୟାପାର ଏବଂ ବିଧାନପାଳିକା ବ୍ୟାପାର ବିଭାଗ କେରଳ ରାଜ୍ୟର ନାମ ପରିବର୍ତ୍ତନ କରି ‘କେରଳମ’ କରିବା ପ୍ରସ୍ତାବରେ ସହମତ ହୋଇଛି।

## ୭୪ଟି ଥାନାରେ କାମ କରୁନି ସିସିଟିଭି



**ଭୁବନେଶ୍ୱର :** ରାଜ୍ୟରେ ୭୦୬ଟି ଥାନା ରହିଛି। ସେଥିରୁ ୬୩୨ଟି ଥାନାରେ ସିସିଟିଭି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ବଳକା ୭୪ ଥାନାରେ ସିସିଟିଭି ଅଚଳ ରହିଛି କିମ୍ବା ଲାଗିନଥିବା ଜଣାପଡ଼ିଛି। ଭୁବନେଶ୍ୱରର ଦୁଇଟି ଥାନାରେ ସିସିଟିଭି କାମ କରୁନି। କଟକର ୩ଟି ଥାନାରେ ସିସିଟିଭି ଅଚଳ ରହିଛି। ଭୁବନେଶ୍ୱର ଓ କଟକର ଗୋଟିଏ ଲେଖାଏଁ ଥାନାରେ ସିସିଟିଭି ଲାଗିନି। ଅନୁରୂପ ଭାବେ ୫୫୩ ଥାନାରେ ଆଗନ୍ତୁକଙ୍କ ଲାଗି ଅପେକ୍ଷା ଗୃହ ରହିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଗୃହରେ ଏହି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ସରକାରଙ୍କ ଚେତାବନୀ

## ଶୁଣୁନାହାନ୍ତି କର୍ମଚାରୀ




**ଭୁବନେଶ୍ୱର :** ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବା ସମୟସୀମାକୁ ସରକାର ପୁଣି ବୃଦ୍ଧି କରିଛନ୍ତି। ୨୦୨୫ ବର୍ଷ ପାଇଁ ଏଚ୍ଆରଏମ୍ଏସ୍ ପୋର୍ଟାଲରେ ସମ୍ପତ୍ତି ତାଲିକା ଦେବାର ଶେଷ ତାରିଖ ଏବେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ପୂର୍ବରୁ ଏହି ଅବଧି ଜାନୁଆରୀ ୩୧ରେ ଶେଷ ହୋଇଥିଲା। ମାତ୍ର ବହୁ କର୍ମଚାରୀ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିନଥିବାରୁ ସରକାର ଏହାକୁ ଶେଷ ସୁଯୋଗ ଭାବେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗ୍ରୁପ୍-'ଏ'ରୁ ଗ୍ରୁପ୍-'ଡି' ପର୍ଯ୍ୟନ୍ତ ସମସ୍ତ ବର୍ଗର କର୍ମଚାରୀ ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପୂର୍ଣ୍ଣ ବିବରଣୀ ଦେବା ବାଧ୍ୟତାମୂଳକ। ଯେଉଁ କର୍ମଚାରୀ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ ନାହିଁ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ଅନଲାଇନ୍ ମାଧ୍ୟମରେ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ସମସ୍ତ ବିଭାଗ, ଜିଲାପାଳ ଓ ଆରଡିସିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

## ଜାତୀୟ ପତାକାର ବ୍ୟବହାର ନେଇ ନିର୍ଦ୍ଦେଶନାମା



**ଭୁବନେଶ୍ୱର:** କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ପତାକାର ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। 'ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ, ୧୯୭୧' ଏବଂ 'ଭାରତୀୟ ଜାତୀୟ ପତାକା ସଂହିତା, ୨୦୦୨ (୨୦୨୧ ଏବଂ ୨୦୨୨ରେ ସଂଶୋଧିତ)ରେ ଜାତୀୟ ପତାକାର ବ୍ୟବହାର/ଉତ୍ତୋଳନ/ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି। ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ତିଆରି ଜାତୀୟ ପତାକା ଉଡ଼ାଇପାରିବେ। ଏହି ବ୍ୟବହୃତ କାଗଜରେ ତିଆରି ପତାକା କାର୍ଯ୍ୟକ୍ରମ ପରେ ଫୋପାଡ଼ି ଦିଆଯିବ ନାହିଁ କିମ୍ବା ଭୂମିରେ ଫିଙ୍ଗାଯିବ ନାହିଁ। ଏହିପରି ପତାକାଗୁଡ଼ିକୁ ବ୍ୟବହାରକାରୀ ପତାକାର ମର୍ଯ୍ୟାଦା ସହିତ ବ୍ୟକ୍ତିଗତ ଭାବରେ ନଷ୍ଟ କରିବେ। ଭାରତୀୟ ଜାତୀୟ ପତାକା ଆମ ଦେଶର ଲୋକଙ୍କ ଆଶା ଏବଂ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରେ । ତେଣୁ ଏହାକୁ ସମ୍ମାନର ସ୍ଥାନ ଦିଆଯିବା ଉଚିତ୍। ଜାତୀୟ ପତାକା ପ୍ରତି ସାର୍ବଜନୀନ ଶ୍ରଦ୍ଧା, ସମ୍ମାନ ଏବଂ ଆନୁଗତ୍ୟ ରହିଛି। ତଥାପି ଜାତୀୟ ପତାକା ପ୍ରଦର୍ଶନ ପାଇଁ ପ୍ରଯୁଜ୍ୟ ଆଇନ, ଅଭ୍ୟାସ ଏବଂ ସମ୍ମିଳନୀ ସମ୍ପର୍କରେ ସଚେତନତାର ଏକ ସ୍ପଷ୍ଟ ଅଭାବ ପ୍ରାୟତଃ ପରିଲକ୍ଷିତ ହେଉଥିବାରୁ ଭାରତୀୟ ଜାତୀୟ ପତାକା ସଂହିତାର ଯଥାର୍ଥ ଅନୁପାଳନ ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ବଜାରରେ ନକଲି ପ୍ୟାକେଜିଂ ଦୂଷିତ ପାଣି ବିକ୍ରି

**ଭୁବନେଶ୍ୱର :** ମାର୍କେଟରେ ଆପଣ ପିଉଥିବା ପାଣି ଶୁଦ୍ଧ ତ ? ପଇସା ଦେଇ ବାହାରୁ ପିଉଥିବା ପାଣି ବୋତଲ ଅସଲି ତ ? କାହିଁକି ନା ବଜାରରେ ବିକ୍ରି ହେଉଛି ଅନେକ ନକଲି ପ୍ୟାକେଜିଂ ଦୂଷିତ ପାଣି। ଚଳିତ ବର୍ଷ ୨୯ଟି ପାଣି ନମୁନା ପରୀକ୍ଷା ହୋଇଥିବା ବେଳେ ୮ଟି ସାମ୍ପୁଲ ଅନସେଫ ବାହାରିଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିରୁ ନିସ୍ତାର ମିଳିପାରିନାହିଁ। ଶୋଷ ହେଲେ ପ୍ରାୟତଃ ଥଣ୍ଡା ପାଉଚ ଓ ବୋତଲ ପାଣି ଉପରେ ନିର୍ଭର କରୁଛନ୍ତି। ଲୋକେ ଯେଉଁ ପାଉଚ ପାଣି ପିଉଛନ୍ତି, ତାହାର ଶୁଦ୍ଧତା ଓ ଗୁଣବତ୍ତା ବିଷୟରେ କାହାରିକୁ ଜଣାନାହିଁ। ଯେତେବେଳେ ଆମେ ଶୋଷିଲା ସେତେବେଳେ ଜଳ ପ୍ରଥମ ଆବଶ୍ୟକ ହୋଇଥାଏ। ମାତ୍ର ଆମ ଟ୍ୟାପ୍ କିମ୍ବା



ବୋତଲ ପାଣିରେ ଆସୁଥିବା ଜଳର ଗୁଣବତ୍ତା ବିଷୟରେ ଆମେ ଅଜ୍ଞ। ଯାହାର ଫାଇଦା ନେଇ ବେପାରୀମାନେ ଖୋଲାଖୋଲି ବେଆଇନ ଭାବେ ପାଉଚ ଓ ବୋତଲରେ ପିଇବା ପାଣି ବିକ୍ରି କରୁଛନ୍ତି। ପିଇବା ପାଣି କାରବାର ବିପୁଳ ମାତ୍ରାରେ ବଢ଼ିବାରେ ଲାଗିଛି। ଲାଇସେନ୍ସ ନ ନେଇ ଲକ୍ଷାଧିକ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ନାମୀଦାମୀ କମ୍ପାନୀ ନାଁରେ ନକଲି ପାଣି ବୋତଲ ବି ବଜାରରେ ମିଳୁଛି। କେବେ ଓ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି, ତାହାର କିଛି ସୂଚନା ଲେଖାଯାଉ ନ ଥିବା ଦେଖିବାକୁ ମିଳୁଛି। ବୋତଲରେ ବିକ୍ରି ହେଉଥିବା ପାଣିର ଟିଡିଏସ୍ ଓ ପିପିଏମ୍ ଯାଞ୍ଚ ନ କରି ହାଲୁକା ନୀଳ ରଙ୍ଗ କରିବାକୁ ସେଥିରେ କେମିକାଲ୍ ମିଶାଇ ବୋତଲ ଭର୍ତ୍ତି କରି ବେପାର ଚଳାଇଛନ୍ତି। କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ବୋତଲ ପାଣି ବିକ୍ରି ଚାଲିଛି। ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି ହେଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ରହୁଥିବା ବେଳେ ଟିଡିଏସ୍ ଲେଭୁଲ ପିଇବା ପାଇଁ ଅସୁରକ୍ଷିତ ରହୁଛି। ନାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍ସିଲର ଅଧ୍ୟୟନରୁ ଜଣାପଡିଛି ଯେ, ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ। ମିନେରାଲ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ର ବ୍ୟବହାର କରାଯାଏ। ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ। ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର କୁପ୍ରଭାବ ଦେଖାଇଥାଏ। ଆଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଆଣ୍ଟିମନିର ମାତ୍ରା ସେତିକି ବଢ଼ିବ। ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ।

## ପାରାଦୀପ ବନ୍ଦରରେ ହେବ ସ୍ୱତନ୍ତ୍ର ଜେଟି

**ଭୁବନେଶ୍ୱର :** ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଆବଶ୍ୟକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଜେଟି ବିକଶିତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଏହାକୁ ବିକଶିତ କରିବ। ଏଥିପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ବିଲ୍ଡ-ଅପରେଟ-ଟ୍ରାନ୍ସଫର (ବିଓଟି) ଆଧାରରେ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ଟନ୍ ମାଲ ପରିଚାଳନା କ୍ଷମତା ରହିବ। ପାରାଦୀପ ବନ୍ଦରକୁ ଏକ ସବୁଜ ଶକ୍ତି କାର୍ଗୋ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ଏହି ପ୍ରକଳ୍ପକୁ ଡିଜାଇନ୍ କରାଯାଇଛି। ପ୍ରସ୍ତାବିତ ଭିତ୍ତିଭୂମିରେ ଏକ ସ୍ୱତନ୍ତ୍ର ଜେଟି, ସଂରକ୍ଷଣ ପ୍ରଣାଳୀ, ପାଇପଲାଇନ, ପରିଚାଳନା ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଏହି ମଞ୍ଜୁରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସବୁଜ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଶ୍ରୀ ସୋନୱାଲ କହିଛନ୍ତି, ଏହି ଅନୁମୋଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ଏବଂ ନିର୍ଣ୍ଣାୟକ ନେତୃତ୍ୱର ପ୍ରତ୍ୟକ୍ଷ ପରିଣାମ ଯାହା ଭାରତକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରିଥାଏ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ, ଆମର ବନ୍ଦରଗୁଡ଼ିକୁ ସବୁଜ ଅଭିବୃଦ୍ଧି, ନବସୃଜନ ଏବଂ ସ୍ଥାୟୀ ଲଜିଷ୍ଟିକ୍ସ ପାଇଁ ପ୍ରବେଶପଥରେ ପରିଣତ କରାଯାଉଛି।

### ୫ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଶାହ

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର :** ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡିଶାରେ ପହଁଚିବେ। ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତ ସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର (ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ, ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ। ସେଦିନ ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମାନ୍ୟବର



କେନ୍ଦ୍ରମନ୍ତ୍ରୀଙ୍କ ସିଆଇଏସଏଫର ପ୍ରତିଷ୍ଠା ଦିବସରେ ଯୋଗଦାନ ଗସ୍ତକୁ ଦୃଷ୍ଟିରେ ରଖି ଗୋଡ଼ିସାହିରୁ ମୁଣ୍ଡୁଳି ରାସ୍ତାର ବ୍ଲାକ୍ ଟପିଂ ସହିତ ଆଲୋକୀକରଣ, ପରିସ୍କାର ପରିଚ୍ଛନ୍ନତା ଓ ଆବଶ୍ୟକ ସୌନ୍ଦର୍ଯ୍ୟକରଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆଭାସୀ ମାଧ୍ୟମରେ କଟକ ଜିଲ୍ଲାପାଳ ଯୋଗଦେଇଥିଲେ। ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପନ୍ନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରାଯିବାକୁ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ବିଏମସି କମିଶନର, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସହିତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଓ ପୁଲିସ୍ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ, କଟକ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

## 'ମାର୍ଚ୍ଚରେ ରତ୍ନଭଣ୍ଡାର ଗଣତିମଣତି'



**ଭୁବନେଶ୍ୱର :** ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନଭଣ୍ଡାର ଗଣତି ମଣତି ହେବ। ଛତିଶା ନିଯୋଗ ସହିତ ଆଲୋଚନା ହୋଇଛି। ଖୁବଶୀଘ୍ର ସମୟ ନୀତି ନିର୍ଘଣ୍ଟ ସ୍ଥିର ହେବ। ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଗଣତି ମଣତି ଆରମ୍ଭ କରିବା ପାଇଁ ଆମେ ଯୋଜନା କରୁଛୁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ମ୍ୟାନେଜିଂ କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସେମାନେ ଛତିଶା ନିଯୋଗ ସହିତ କଥା ହୋଇ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ୍ ହେବ, ଏହା ପରେ ତାରିଖ ଘୋଷଣା ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସେପଟେ ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏସଓପିକୁ ନେଇ ହୋଇଛି ବିସ୍ତୃତ ଆଲୋଚନା। ଏସଓପିକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଛି। ପ୍ରସ୍ତୁତ ଏସଓପିକୁ ହାଇଲେବୁଲ୍ କମିଟି, ବିଧି ସବକମିଟି ଏବଂ ପରିଚାଳନା କମିଟିରେ ଆଲୋଚନା ହୋଇଛି। ଅଳଙ୍କାର ଗଣତି ମଣତି ତାରିଖ ଓ ମାହେନ୍ଦ୍ର ବେଳାର ନିଷ୍ପତ୍ତି ନେବ ପରିଚାଳନା କମିଟି। ଗଣତି ମଣତି ସମୟରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ତାଲିକା ପ୍ରସ୍ତୁତ ହୋଇଛି। ନୀଳାଦ୍ରିବିଜେ ପୂର୍ବରୁ ଗଣତିମଣତି ପାଇଁ ତାଲିକା ପ୍ରସ୍ତୁତ ହୋଇଛି। ଗଣତି ମଣତି ପ୍ରକ୍ରିୟାରେ ଦୁଇଟି ଟିମ୍ ରହିବେ। ଗୋଟିଏ ସୁପରଭାଇଜିଂ ଟିମ୍ ଓ ଅନ୍ୟଟି ହ୍ୟାଣ୍ଡେଲିଂ ଟିମ୍। ଉଭୟ ଟିମ୍‌ରେ ମୁଖ୍ୟ ପ୍ରଶାସକ ରହିବେ। ମୁଖ୍ୟ ପ୍ରଶାସକଙ୍କ ଅନୁପସ୍ଥିତରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଦାରଖ କରିବେ।

### ପ୍ରଦୀପ ବଳ ସାମନ୍ତଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## ସୁକିନ୍ଦା ନିର୍ବାଚନୀ ମୋକଦ୍ଦମା ଖାରଜ

**କଟକ :** ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ସୁକିନ୍ଦା ଆସନରୁ ଶ୍ରୀ ବଳ ସାମନ୍ତଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ସୁକିନ୍ଦା ବିଧାନସଭା ଆସନ ନିର୍ବାଚନ ଫଳାଫଳକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ପ୍ରୀତିରଂଜନ ଘଡାଇ ହାଇକୋର୍ଟରେ ୨୦୨୪ରେ ମୋକଦ୍ଦମା ଦାୟର କରିଥିଲେ। ଏହି ନିର୍ବାଚନୀ ମୋକଦ୍ଦମାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ବଳ ସାମନ୍ତ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ତାଙ୍କ ବିରୋଧରେ ନିର୍ବାଚନୀ ଆବେଦନରେ ଉଲ୍ଲେଖ ଅଭିଯୋଗ ଅସ୍ପଷ୍ଟ ଓ ନିରାଧାର ହୋଇଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଅନ୍ତରୀଣ ଆବେଦନରେ ଦର୍ଶାଯାଇଥିଲା। ଶ୍ରୀ ବଳ ସାମନ୍ତଙ୍କ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଗ୍ରହଣ କରି ମୂଳ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ବଳ ସାମନ୍ତଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ବିଜେପି ପ୍ରାର୍ଥୀ ଶ୍ରୀ ବଳ ସାମନ୍ତ ମିଥ୍ୟା ସତ୍ୟପାଠ ଦେଇଥିବାରୁ ତାଙ୍କ ନିର୍ବାଚନ ରଦ୍ଦ କରାଯାଉ ବୋଲି ଦର୍ଶାଇ ଶ୍ରୀ ଘଡାଇ ଏହି ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ। ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ଶ୍ରୀ ବଳ ସାମନ୍ତ ସତ୍ୟପାଠରେ ଭୁଲ ତଥ୍ୟ ଦେଇଛନ୍ତି। ଶିକ୍ଷାଗତ ଯୋଗ୍ୟତା ପ୍ରସଂଗରେ ଦେଇଥିବା ତଥ୍ୟ ମଧ୍ୟ ଭୁଲ। ସତ୍ୟପାଠର କେତେକ ସ୍ତମ୍ଭ ସେ ପୂରଣ ନ କରି ଖାଲି ଛାଡି ଦେଇଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଭଳି ସ୍ଥିତିରେ ଶ୍ରୀ ବଳ ସାମନ୍ତଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

# ଆଗୁଆ ହେବନି ପଞ୍ଚାୟତ ନିର୍ବାଚନ : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ହେବାର ଆକଳନ ଓ ସମ୍ଭାବନା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଖୋଦ୍ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ। ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ପରେ ମନ୍ତ୍ରୀ ଶ୍ରୀ ନାଏକ ଏହି ସୂଚନା ଦେଇଛନ୍ତି। ଯଦିଓ ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ହେବା ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗତ ମାସରେ ଦଳୀୟ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ, ରାଜ୍ୟରେ ୨୦୨୭ ଫେବୃୟାରୀ ପୂର୍ବରୁ ପଞ୍ଚାୟତ ନିର୍ବାଚନ



ଅନୁଷ୍ଠିତ ହେବାର ସମ୍ଭାବନା ନାହିଁ। ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ କରିବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି ଓ ଏହା ନିୟମ ଅନୁସାରେ ନିର୍ଦ୍ଧାରିତ ସମୟରେ ହିଁ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତମାସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ କର୍ମୀମାନଙ୍କୁ ପାର୍ଟି ଅଫିସରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାର ୨-୩ ମାସ ମଧ୍ୟରେ ଅର୍ଥାତ୍ ଆଗାମୀ ୬ମାସ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହୋଇପାରେ ବୋଲି ଶ୍ରୀ ସାମଲ ସଙ୍କେତ ଦେଇଥିଲେ। ଅବଶ୍ୟ ଏହି ବୟାନ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ପରୋକ୍ଷରେ ଏହି ଆଗୁଆ ନିର୍ବାଚନ ସମ୍ଭାବନାକୁ ଖଣ୍ଡନ କରିଥିଲେ। ସେ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ପୂରଣ ହେବା ପରେ ହିଁ ନିର୍ବାଚନ ହେବ ବୋଲି ସେ କହିଥିଲେ।


### ପିଏମ୍ଏଫ୍ଏମ୍ଇ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ଅନୁମୋଦନ କମିଟି ବୈଠକ

# ଉପକୃତ ହେବେ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ

**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ "ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମଏଫଏମଇ)ଯୋଜନା" ର କାର୍ଯ୍ୟକାରିତା ସଂପର୍କିତରାଜ୍ୟସ୍ତରୀୟ ଅନୁମୋଦନ କମିଟିବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମଏଫଏମଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଆନୁଷ୍ଠାନିକୀକରଣ କରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲ କରିବା। ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ୍ ଲିଙ୍କ୍ଡ ସବସିଡି ପ୍ରଦାନ କରାଯିବା ସହ ଏଫଏସଏସଏଆଇଲାଇସେନ୍ସ, ଉଦ୍ୟମ ପଞ୍ଜୀକରଣ ଏବଂ ଜି.ଏସ.ଟି ପଞ୍ଜିକରଣ କ୍ଷେତ୍ରରେ ବୈଷୟିକ ସହାୟତା ଓ ଆନୁଷଙ୍ଗିକ ସବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ ୬୦:୪୦ ଅନୁପାତରେ ରହିଛି, ଯେଉଁଥିରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଜାତୀୟସ୍ତରରେ ଏବଂ ରାଜ୍ୟ ସ୍ତରରେ ଏମଏସଏମଇବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କ ବ୍ୟକ୍ତିଗତ ୟୁନିଟ୍ ସ୍ଥାପନ ସହ ସାମୁହିକ ଭିତ୍ତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ



ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଯୋଜନାର ଅବଧି ବୃଦ୍ଧି ହେବା ଫଳରେ ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଚାଷୀମାନଙ୍କୁ ନିଜର ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ, ପ୍ୟାକେଜିଂ ଓ ବଜାର ସୁବିଧା ଉନ୍ନତ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କ ପାଇଁ ବହୁବିଧ ଆର୍ଥିକ ଏବଂ ବୈଷୟିକ ସୁବିଧା ସୁଯୋଗ ରହିଛି। ବ୍ୟକ୍ତିଗତ ଉଦ୍ୟୋଗୀମାନଙ୍କୁ ନୂତନ ୟୁନିଟ୍ ସ୍ଥାପନ କିମ୍ବା ପୁରୁଣା ୟୁନିଟ୍‌ର ଆଧୁନିକିକରଣ ପାଇଁ ୩୫% ହାରରେ କ୍ରେଡିଟ୍ ଲିଙ୍କ୍ଡ ସବସିଡି ପ୍ରଦାନ କରାଯାଉଛି, ଯାହାର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ରହିଛି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଏବଂ କ୍ଷୁଦ୍ର ଯନ୍ତ୍ରପାତି କିଣିବା ପାଇଁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତପ୍ରାରମ୍ଭିକ ଧନରାଶି ପୁଞ୍ଜି ( ସିଡ୍ କ୍ୟାପିଟାଲ) ଏବଂ ସର୍ବାଧିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସାଧାରଣ ଭିତ୍ତିଭୂମି ଯଥା- କୋଲ୍ଡ ଷ୍ଟୋରେଜ୍, ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ଲାବୋରେଟୋରୀ ସ୍ଥାପନ ପାଇଁ ୩୫% ପର୍ଯ୍ୟନ୍ତ ଅନୁଦାନ ବ୍ୟବସ୍ଥା ରହିଛି। ଏହି ସମସ୍ତ ସୁବିଧା ସହିତ ଉଦ୍ୟୋଗୀମାନଙ୍କୁ ମାର୍କେଟିଂ, ବ୍ରାଣ୍ଡିଂ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ମଧ୍ୟ ସରକାରୀ ସହାୟତା ଯୋଗାଇ ଦିଆଯାଉଛି, ଯାହା ସେମାନଙ୍କୁ ପ୍ରତିଯୋଗିତାମୂଳକ ବଜାରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସାହାଯ୍ୟ କରୁଛି। ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୧,୨୪୪ ଜଣ ସ୍ୱୟଂସହାୟକ ଗୋଷ୍ଠୀହିତାଧିକାରୀସହାୟତା ପାଇଥିବାବେଳେ ୧୧,୫୧୭ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛିଏବଂ ୩୪୩୭ ଜଣ ହିତାଧିକାରୀ କ୍ରେଡିଡ୍ ଆଧାରିତ ସବସିଡି ପାଇଛନ୍ତି। ଯୋଜନାର କାର୍ଯ୍ୟକାରିତାରେ ଜାତୀୟସ୍ତରରେ ବାର୍ଷିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ଉଲ୍ଲେଖନୀୟ ରହିଛି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ ମାର୍ଚ୍ଚ - ୮ ମାର୍ଚ୍ଚ, ୨୦୨୬

# ନୂଆ ଏକ ସମ୍ଭାବନା

ସମ୍ପାଦକୀୟ
ତାରକ ମହାନ୍ତି



ଆଉ ଆଗପରି ନାହିଁ ଆମ ପରିବେଶ। ବାୟୁମଣ୍ଡଳ ଏତେ ଦୂଷିତ ହୋଇଗଲାଣି ଯେ ନିଶ୍ୱାସରେ ବିଷ ମିଶିଲା ଭଳି ଲାଗୁଛି। ଯେଉଁଠି ଦେଖନ୍ତୁ ପ୍ରଦୂଷଣର ଭୟ ମଣିଷ ପାଇଁ କେତେ ବିପଦଜନକ ପରିସ୍ଥିତି ସୃଷ୍ଟି କରୁଛି। ସ୍ୱଚ୍ଛ ପବନ ଟିକେ ମିଳୁନି। ଜଙ୍ଗଲ କ୍ଷୟ, ପାହାଡ଼ ପର୍ବତର ଅବକ୍ଷୟ ପ୍ରାଣୀ ଜଗତ ପାଇଁ ଘୋର ସଙ୍କଟ ସୃଷ୍ଟି କଲାଣି। ଜନସଂଖ୍ୟା ବୃଦ୍ଧି, କଳକାରଖାନା ଧୂଆଁ, ବିଭିନ୍ନ ଫ୍ୟାକ୍ଟ୍ରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଏବଂ ଭୟଙ୍କର ପରମାଣୁ ପରୀକ୍ଷଣ ମଣିଷ ପାଇଁ ଅଧିକ ବିପଦ ସୃଷ୍ଟି କରୁଛି। ଗାଡି ମଟର ସଂଖ୍ୟା ବୃଦ୍ଧି ଦ୍ୱାରା ଏଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳ ଦୂଷିତ କରିଚାଲିଛି। ଯେଉଁଥିପାଇଁ ଦିନକୁ ଦିନ ନୂଆ ନୂଆ ରୋଗ ମଣିଷକୁ ଗ୍ରାସ କରୁଛି। ନଦୀ ଜଳ ବିଷାକ୍ତ ହେବା ଫଳରେ ଏହା ଆଉ ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ। ଯୁଆଡେ ଦେଖ କୁଢ଼ କୁଢ଼ ମଇଳା ଏହା ରୋଗ ସୃଷ୍ଟିକାରୀ ଦ୍ରବ୍ୟ ଭାବେ ଉଭା ହୋଇଛି। ଆମେ ଖାଉଥିବା ଫସଲ ଯଥା ଧାନ, ପରିବା ଏବଂ ଫଳ ମୂଳ ସବୁଥିରେ ଔଷଧର ବିଷ ଶରୀର ପାଇଁ କେତେ ମାରାତ୍ମକ ତାହା ସମସ୍ତେ ଉପଲବ୍ଧି କରୁଥିଲେ ବି ନିରାକରଣ ପାଇଁ ପଦକ୍ଷେପ ଅତ୍ୟନ୍ତ ନୈରାଶ୍ୟଜନକ। କୃତ୍ରିମ ବୁଦ୍ଧିମତାର କେତେ ଆବଶ୍ୟକତା ତାହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଥିଲା ବେଳେ ଏହାର ପ୍ରୟୋଗକୁ ନେଇ ପ୍ରତିଦ୍ୱନ୍ଦିତା ଆରମ୍ଭ ମାନବ ସଭ୍ୟତା ପାଇଁ ଭବିଷ୍ୟତରେ କିଭଳି ସଙ୍କଟ ସୃଷ୍ଟି କରିବ ଅଥବା ଲାଭଦାୟକ ସାବ୍ୟସ୍ତ ହେବ ତାହା ଆଗାମୀ ସମୟ କହିବ। ହେଲେ ପ୍ରଗତି ନାଁରେ ଯାହା ସବୁ ଚାଲିଛି ତାହା କଣ ବାସ୍ତବ ପ୍ରଗତି ! ମଣିଷ ମନରେ ନୂଆ ନୂଆ ଭାବନା ଭରି ଯାଉଥିଲା ବେଳେ ଆମ ବାୟୁମଣ୍ଡଳ ଓ ଆମ ପରିବେଶ କିଭଳି ପ୍ରଦୂଷିତ ନହେବ ସେ ଦିଗ ପ୍ରତି ସମସ୍ତେ ଆଖି ବୁଝି ଦେଉଛନ୍ତି।

ସମସ୍ତେ ଭାବି ନେଇଛନ୍ତି ଯେ, ଏହା କେବଳ ସରକାରଙ୍କ ଦାୟିତ୍ୱ। ଏହା କେବେ ଠିକ କଥା ନୁହେଁ, ଏହା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ହେଲେ ଏହି କଥାକୁ ଆମେ ଆଦୌ ଗୁରୁତ୍ୱପୂର୍ଣ୍ଣ ଭାବୁନେ କିମ୍ବା କିଛି ପଦକ୍ଷେପ ନେଉନାହାନ୍ତି। ଏହା କେବଳ ପରିବେଶ ବା ପ୍ରଦୂଷଣର କାହାଣୀ ନୁହେଁ, ମଣିଷ ମନ ବି ପ୍ରଦୂଷିତ। ଯେଉଁଥିପାଇଁ ସମାଜରେ ଅନେକ କିଛି ଅସାମାଜିକ କାର୍ଯ୍ୟ ଚାଲୁଛି। ପ୍ରଥମେ ଜଣେ ଭଲ ମଣିଷ ହେବା ପାଇଁ କେହି ଶିକ୍ଷା ଦେଉନାହାନ୍ତି। କେବଳ ଭଲ ପାଠ ପଢ଼ ଏବଂ ଅଧିକ ଉପାର୍ଜନ କରିବା କଥା କହୁଛନ୍ତି। ପରିବାର ଭିତରୁ ଏଭଳି ଶିକ୍ଷା ମିଳିବା ପରେ ଜଣେ ଜୀବନରେ ଭଲ ପଢିବା ପାଇଁ ଅଦମ୍ୟ ପ୍ରୟାସ କରୁଛି। ଶିକ୍ଷା ସମାପ୍ତ ପରେ ରୋଜଗାର ଚିନ୍ତା। ଚାକିରୀ ଖଣ୍ଡେ ମିଳିଗଲେ ଲାଞ୍ଚ ଖାଇବା ଚିନ୍ତା ମଣିଷକୁ ଅଧିକ ପ୍ରଦୂଷିତ କରିଦେଉଛି। ଧନ ବଢାଇବା ଲକ୍ଷ୍ୟରେ ମଣିଷ ନିଜ ମାନବିକତା ଭୁଲି ଅନୀତି ପଥରେ କେବଳ ଟଙ୍କା ପଛରେ ଧାଇଁବା ଦ୍ୱାରା ସମାଜରେ ଅଶାନ୍ତିର ବାତାବରଣ ଦେଖାଦେଉଛି। ଯଦି ନିଜ ପରିବାର ଏଭଳି ଶିକ୍ଷା ଦିଏ ତେବେ ଦୁର୍ନୀତି କିଭଳି ହଟିବ ! ଦୁର୍ନୀତିକୁ ନେଇ ଯେତେ ଯେତେ ଚର୍ଚ୍ଚା ଭଲ ମଣିଷ ହେବାକୁ ସେଭଳି ଚର୍ଚ୍ଚା ଦେଖିବାକୁ ମିଳେନାହିଁ। ଆମେ ପଲିଥିନ ଫିଙ୍ଗି ପୃଥିବୀକୁ ଧ୍ୱଂସ ମୁହଁରେ ପକେଇ ଆନନ୍ଦ ଉଲ୍ଲାସରେ ମାତିଛେ ହେଲେ ଏହା ଦ୍ୱାରା ମାଟି ଉପରେ ଯେଉଁ ବିଷ ବୃକ୍ଷ ପୋତିଲେ ତାହା ଆମ ଭବିଷ୍ୟତ ପିଢ଼ିକୁ ଜୀବନ ଦେବ କି ନେବ ତାହା ଚିନ୍ତା କରିବା ଉଚିତ କି ନୁହେଁ ? ଏତେ ସମସ୍ୟା ମଧ୍ୟରେ ଜୀବନ ଜୀଇଁବା ଯଦିଓ ସହଜ ନୁହେଁ ତଥାପି ସମସ୍ତଙ୍କୁ ବଞ୍ଚିବାକୁ ପଡିବ। ନୂଆ ଏକ ସର୍ଜନାର ମନ୍ତ୍ର ଗାଇ ପୃଥିବୀକୁ ସବୁଜ, ସୁନ୍ଦର ଏବଂ ନୂଆ ସମ୍ଭାବନାରେ ପରିଣତ କରିବାକୁ ହେବ।

# ବିଚାରପତି ଓ ଆମେ, ଭାରତୀୟଗଣ



ଗଜାନନ ମିଶ୍ର

ଗୋଟିଏ ଗଛ ଉପରେ ଥିବା ହଳଦୀବସନ୍ତର ବସାକୁ ବାରମ୍ବାର ବଦମାସ ମାଙ୍କଡ ଭାଙ୍ଗିଦେଉଥିଲା, ଅଣ୍ଡା ଓ ଛୁଆମାନେ ତଳେପଡି ମରିଯାଉଥିଲେ। ଆନନ୍ଦ ନେଉଥିଲା ଚଗଲା ମାଙ୍କଡ। ଅସହ୍ୟ ହେବାରୁ ବିଚାରପତି ଭାଲୁ ପାଖରେ ପକ୍ଷୀ ହଳଦୀବସନ୍ତ ଅଭିଯୋଗ କଲା ମାଙ୍କଡ ବିରୁଦ୍ଧରେ। ତଦନ୍ତ ଓ ସାକ୍ଷ୍ୟ ପ୍ରଦାନ ପରେ ମାଙ୍କଡ ଦୋଷୀ ପ୍ରମାଣିତ ହେଲା । ତୁରନ୍ତ କୁଶଳତାର ସହିତ ମାଙ୍କଡ ଅପିଲ କରି କହିଲା ଆଗପଛ ଦେଖି ବିଚାର କରିବା ହୁଅନ୍ତୁ ମହାଭାଗ। ବିଚାରପତିଙ୍କ ଚୌକି ପଛପଟେ ଥିବା ଏକ ବଡ ପାଚିଲାପଣସ ଦେଖି ଭାଲୁ-ବିଚାରପତିଙ୍କ ବିଚାର ବଦଳିଗଲା। ବିଚାରପତି ପୁନଃ ରାୟ ଦେଲେ, ମାଙ୍କଡର ପ୍ରକୃତି ଡାଳରୁ ଡାଳ ଡେଇଁବା, ଡେଉଁଥିବା ଡାଳରେ ହଳଦୀବସନ୍ତର ବସା ଥିଲା, ଭାଙ୍ଗିଲା। ଏଥିରେ ମାଙ୍କଡର ଦୋଷ ନାହିଁ। ହଳଦୀବସନ୍ତର ବସା ରହିଲା କିଆଁ ? ହଳଦୀବସନ୍ତ ବସା କରି ଅଣ୍ଡାଦେଇ, ଛୁଆ କରିବା ଦୋଷ। ତେଣୁ ଦଣ୍ଡ ପାଇବା ଯୋଗ୍ୟ। ପକ୍ଷୀକୁଳ ଏମିତି ରାୟ ଶୁଣି ନାରାଜ ହେଲେ, ଏକ ଅଶାନ୍ତ ବାତାବରଣ ସର୍ବତ୍ର ରହିଲା। ଚୌକି ଉପରେ ଛୋଟିଆ ଘରଚଟିଆ ବସି ସବୁ ଦେଖୁଥିଲା କେମିତି ପାଚିଲା ପଣସ ଭାଲୁ ବିଚାରପତିଙ୍କୁ ଦେଇ ବିଚାର ନିଆଗଲା। ଏହା ଜାଣି ପକ୍ଷୀଏ ଉତ୍କ୍ଷିପ୍ତ ହେଲେ ଓ କ୍ରୋଧ ପ୍ରକାଶ କଲେ। ସମସ୍ତେ ଏକତ୍ର ବିଚାରପତି ଓ ସହଯୋଗୀଙ୍କ ଉପରେ ଚଢାଉ କଲେ, ଥଣ୍ଟରେ, ନଖରେ ଖଣ୍ଡିଆ ଖାବରା କଲେ । ସମଗ୍ର ବିଚାର ପ୍ରକ୍ରିୟା ବଦନାମ ହେଲା। ଏ ଗପ ଲେଖିଥିଲେ ମହାପାତ୍ର ନୀଳମଣି ସାହୁ । ଆମେ ପଢିଥିଲୁ ପ୍ରାଥମିକ ବିଦ୍ୟାଳୟରେ। ସୁତରାଂ ଯେତେବେଳେ ବି ଯୋଉଠି ବି ବିଚାର ପ୍ରକ୍ରିୟାରେ କଳଙ୍କ ଲାଗେ, ନିର୍ଦ୍ଦୋଷଙ୍କ ଉପରେ ଦୋଷ ଦିଆଯାଏ, ବିହଙ୍ଗ ବିପ୍ଳବ ଦେଖାଦିଏ। ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ଏହା ଜରୁରୀ ଅଟେ। ଜନସାଧାରଣଙ୍କ ପାଇଁ ବିଚାରବିଭାଗ। ବିଚାରବିଭାଗ ପାଇଁ ଜନସାଧାରଣ କେବେ ନୁହେଁ। ବିଚାର ପ୍ରକ୍ରିୟାର ପରିବର୍ତ୍ତନ ହୁଏ, ଜନସାଧାରଣଙ୍କର ନୁହେଁ। ତେଣୁ ସ୍ୱତଃ କୁହାଯାଏ, ଶହେ ଦୋଷୀ ଖସି ଯାଆନ୍ତୁ, ଜଣେ ବି ନିର୍ଦ୍ଦୋଷ ଦଣ୍ଡ ନ ପାଉ।

ଆଜିକାର ଭାରତରେ ବିଚାରବିଭାଗର ଦୁର୍ନୀତିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାହେଉଛି। ବୃହତ ସ୍ୱାର୍ଥ ଦୃଷ୍ଟିରୁ, ପିଲାଟି ବେଳରୁ ଉଚିତ ଶିକ୍ଷା ପାଇବେ ବୋଲି ଯଦି ବିଦ୍ୟାଳୟର ପାଠ୍ୟପୁସ୍ତକରେ ସକାରାତ୍ମକ ସ୍ଥାନୀତ କରାଗଲା କଣ ଅସୁବିଧା ନାଇଁ। 'ମନ୍ଦିର ଭିତରେ କିଏ ରେ ନା ମୁଁ କଦଳୀ ଖାଇ ନି' ଭଳିଆ କଥା । ଆତ୍ମ ନିରିକ୍ଷଣ ଦରକାର ଥିଲାବେଳେ ପରକୁ ଦୋଷଦେବା ଆଦୌ ଶୁଭଙ୍କର ନୁହେଁ। ଦେଖିନେବି କହିବା ଆଉ ଲଙ୍ଗଳାରାଜାକୁ ଲଙ୍ଗଳା କହିଥିବା ପିଲା ବିରୁଦ୍ଧରେ ପଦକ୍ଷେପ ନେବା ନିନ୍ଦନୀୟ। ଆମର ପ୍ରତ୍ୟକ୍ଷ ଅନୁଭୂତିରୁ ଆମେ କହିପାରୁଁ ଯେ ଅନେକଜାଗାରେ ବିଚାରବିଭାଗର ଦୋଷତ୍ରୁଟି ରହିଛି। ସେସବୁର ସଂଶୋଧନ ନିହାତି ଆବଶ୍ୟକ। ଏହା ସତ ଯେ ଶତକଡା ନବେରୁ ବେଶୀ ଭାଗ ଦୁର୍ନୀତିର କରାଳଛାୟାରେ କବଳିତ। ସର୍ବୋପରି ବିଭିନ୍ନ ଅଦାଲତର ବିଭିନ୍ନ ରାୟ ବିଚଳିତ କରୁଛି ଜନସାଧାରଣଙ୍କୁ। କୋଉଟା ମାନିବେ, କୋଉଟା ମାନିବେ ନାହିଁ !

ସରଳ ଓ ସୁବୋଧ ପାରିବାରିକ ମାମଲାକୁ ଉଦାହରଣ ହିସାବରେ ନିଆଯାଇପାରେ । ବିବାହ ହେବା ଅର୍ଥ ପତ୍ନୀକୁ ଭରଣପୋଷଣ ଦେବା କେଉଁଠି ବି ଲେଖା ନାହିଁ। କିନ୍ତୁ ଜୋରଜବରଦସ୍ତି ବିଚରା ସ୍ୱାମୀକୁ ଆଦେଶ ଦେଉଛନ୍ତି ଉଚ୍ଚ ଶିକ୍ଷିତା ରୋଜଗାରିଆ ସ୍ତ୍ରୀଙ୍କୁ ଭରଣପୋଷଣ ଦେବାକୁ, ସ୍ତ୍ରୀଙ୍କୁ ଏକତ୍ର ରହିବାକୁ ଯେତେ କହିଲେ ବି କେହି ଶୁଣିବାକୁ ନାହିଁ। ବିବାହ କରିବା ଅର୍ଥ କୋକୁଆ ଭୟ ଭିତରେ ରହିବା। ଗାଈଗୋରୁ, ଛେଳିମେଣ୍ଢା, ପଶୁ ସଦୃଶ ସମାଜ ମଣିଷର ନୁହେଁ ! ବିବାହ ଏକ ପବିତ୍ର ବନ୍ଧନ ଜନ୍ମଜନ୍ମର । ଆଜିକାର ଅଦାଲତକୁ କଣ ଜଣା ନାହିଁ ! ପତି ପତ୍ନୀକୁ ନ ଛାଡୁଥିଲେ ବି ଭରଣପୋଷଣ ଦେବ, ଯୌତୁକ ନ ନେଇଥିଲେ ବି ସଜା ପାଇବ, କାହିଁକି ନା ବାହା ହେବା ଦୋଷରେ ସେ ଦୋଷୀ ! ଅଜବ ଆଦେଶାଦି ! ଏ ଯାଏ ବିଚାର ଅନ୍ଧ ଭଳିଆ ଥିବାଟା ଆଜିର ବିକଶିତ ଭାରତ ପାଇଁ ଅଭିଶାପ ନୁହଁ ତ ଆଉ କଣ ?

ବିଚାରବିଭାଗ ଭାରତୀୟଗଣଙ୍କ ଭାଷାରେ ଆଗ ରାୟ, ଆଦେଶାଦି ଦିଅନ୍ତୁ। ସତ୍ୟ ପ୍ରତିଷ୍ଠା କରନ୍ତୁ। ନ୍ୟାୟର ମର୍ଯ୍ୟାଦା ବୃଦ୍ଧି କରାନ୍ତୁ। ଭାରତୀୟଙ୍କ ସମ୍ମାନ ରକ୍ଷା କରନ୍ତୁ। ସାର୍ବଭୌମ କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି। ଜନସାଧାରଣ ସବୁ ଜାଣିବାର ଅଧିକାର ରଖିଛନ୍ତି । ଆଧୁନିକ ଭାରତରେ ଭୁଲ କାମ କରି କେହି ବେଶୀଦିନ ରହି ପାରିବେ ନାହିଁ, ବିଲେଇ ଆଖି ବୁଜି ଦୁଧ ପିଇଲାପରି ରହିଲେ ବି ସମସ୍ତଙ୍କୁ ସବୁକଥା ଜଳ ଜଳ ଦିଶୁଛି। ନିଜକୁ ନିଜେ ବାଆଁରେଇ ବାଟରେ ପଡି ପାରିଲେ ନିଜ ସମ୍ମାନ ବୃଦ୍ଧି ପାଇବ। ବିଚାର ବିଭାଗକୁ ସଜାଡିବାର ଏଇଟା ହିଁ ପ୍ରକୃଷ୍ଟ ସମୟ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୬୬୬୪୪*

# ଭାରତ- ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା



ଅସିତ ମହାନ୍ତି

ଭାରତ ଏବଂ ଆମେରିକା ମଧ୍ୟରେ ଘୋଷିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଦେଶର ରାଜନୀତି, କୃଷକଙ୍କ ପ୍ରତିବାଦ ଏବଂ ଅର୍ଥନୈତିକ ବିତର୍କକୁ ପୁଣି ଥରେ ସରଗରମ କରିଛି। ସରକାର ଏହାକୁ ଏକ 'ଐତିହାସିକ ସୁଯୋଗ' ଏବଂ 'ଉଭୟ ଦେଶ ପାଇଁ ଲାଭଦାୟକ ଚୁକ୍ତି' ବୋଲି କହୁଛନ୍ତି, ଯେତେବେଳେ କୃଷକ ସଂଗଠନ, ଟ୍ରେଡ୍ ୟୁନିଅନ୍ ଏବଂ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରୁଛନ୍ତି ଯେ ଏହି ଚୁକ୍ତିନାମା ଭାରତୀୟ କୃଷି ଏବଂ ଗ୍ରାମୀଣ ଅର୍ଥନୀତିକୁ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ନିକଟରେ ବନ୍ଧକ ଦେବା ଭଳି। 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କେବଳ ଏକ ସ୍ଲୋଗାନ ନୁହେଁ ବରଂ ଦେଶର ଲକ୍ଷ ଲକ୍ଷ ଚାଷୀଙ୍କ ହୃଦୟରେ ମୂଳ ପୋତିଥିବା ଗଭୀର ଭୟର ଏକ ପ୍ରକାଶ।

ସରକାରୀ ବିବୃତ୍ତି ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବ, ଯେତେବେଳେ ଭାରତ ଆମେରିକୀୟ ଶିଳ୍ପ ଉତ୍ପାଦ ଏବଂ ଅନେକ କୃଷି ଏବଂ ଖାଦ୍ୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ଏହା ବ୍ୟତୀତ, ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମେରିକାରୁ ୫୦୦ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ବିମାନ, ପ୍ରତିରକ୍ଷା ଉପକରଣ, ପ୍ରଯୁକ୍ତିବିଦ୍ୟା ଉତ୍ପାଦ ଏବଂ କଞ୍ଚା କୋଇଲା କ୍ରୟ କରିବାକୁ 'ଇଚ୍ଛୁକ' ପ୍ରକାଶ କରିଛି। ପୃଷ୍ଠରେ, ଏହା ଏକ ସନ୍ତୁଳିତ ଚୁକ୍ତି ପରି ମନେହୁଏ, କିନ୍ତୁ ଯେତେବେଳେ ଆମେ ଗଭୀର ଅନୁସନ୍ଧାନ କରୁ, ଚିତ୍ର ଭିନ୍ନ ହୋଇଯାଏ। ଆମେରିକାର ଶୁଳ୍କ ହ୍ରାସ ସୀମିତ ଏବଂ ସର୍ତ୍ତମୂଳକ, ଯେତେବେଳେ ଆମଦାନୀ ଖୋଲିବା ପାଇଁ ଭାରତର ପ୍ରତିବଦ୍ଧତା ବ୍ୟାପକ ଏବଂ ଦୀର୍ଘକାଳୀନ। ଏହି ଅସନ୍ତୁଳନ ହେଉଛି ଯାହା ଚାଷୀ ଏବଂ ଶ୍ରମିକ ସଂଗଠନଗୁଡ଼ିକୁ ସବୁଠାରୁ ଅଧିକ ଚିନ୍ତା କରୁଛି।

ଏହି ସମୟରେ, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଦାବି କରିଛନ୍ତି ଯେ କୃଷି ଏବଂ ଦୁଗ୍ଧକୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ପରିସରରୁ ବାଦ ଦିଆଯାଇଛି। ତଥାପି, ଭାରତ-ଆମେରିକା ମିଳିତ ବିବୃତ୍ତିରେ 'ଅଣ-ଶୁଳ୍କ ପ୍ରତିବନ୍ଧକ' ଦୂର କରିବା ପାଇଁ ଏକ ଚୁକ୍ତିନାମା ଉଲ୍ଲେଖ କରାଯାଇଛି। କିଏ ମିଛ କହୁଛି ଏବଂ କିଏ ସତ୍ୟ କହୁଛି ତାହା ବୁଝିହେବ। ଯେଉଁମାନେ ଏହି ଚୁକ୍ତିନାମାରେ ଏକ ଖରାପ ସ୍ଥିତି ଦେଖନ୍ତି ସେମାନେ ଚିନ୍ତିତ, ଯେତେବେଳେ ଯେଉଁମାନେ ସୁଯୋଗ ଦେଖନ୍ତି, ବିଶେଷକରି ରାଜନୈତିକ ସୁଯୋଗ ଦେଖନ୍ତି, ସେମାନେ ଆନନ୍ଦିତ। ଅଣ-ଶୁଳ୍କ ପ୍ରତିବନ୍ଧକ କେବଳ କାଗଜରେ ଶବ୍ଦ ନୁହେଁ। ଏଥିରେ ଗୁଣବତ୍ତା ମାନଦଣ୍ଡ, ସବସିଡି ନିୟମ, ଆମଦାନୀ ଲାଇସେନ୍ସ, ସଂରକ୍ଷଣ ଅବସ୍ଥା ଏବଂ ସରକାରୀ କ୍ରୟ ନୀତି ଅନ୍ତର୍ଭୁକ୍ତ। ଯଦି ଏଗୁଡ଼ିକ ଦୁର୍ବଳ ହୁଏ, ତେବେ ଭାରତୀୟ ବଜାର ସ୍ୱୟଂଚାଳିତ ଭାବରେ ଆମେରିକୀୟ କୃଷି ଉତ୍ପାଦ ପାଇଁ ଖୋଲିଯିବ।

ଆମେରିକୀୟ କୃଷି କ୍ଷେତ୍ର ଭାରୀ ସରକାରୀ ସବସିଡି ଉପରେ ନିର୍ଭର କରେ। ସେଠାକାର ଚାଷୀମାନେ ଶସ୍ତା ଇନ୍ଧନ, ବୀମା, ସଂରକ୍ଷଣ ଏବଂ ରପ୍ତାନି ପ୍ରୋତ୍ସାହନ ପାଆନ୍ତି। ବିପରୀତରେ, ଭାରତୀୟ ଚାଷୀମାନେ ପୂର୍ବରୁ ବୃଦ୍ଧି ପାଉଥିବା ଖର୍ଚ୍ଚ, ଋଣ ଏବଂ ଗଚ୍ଛିତ ଉପରେ ଅନିଶ୍ଚିତତା ସହିତ ସଂଘର୍ଷ କରୁଛନ୍ତି। ଏପରି ପରିସ୍ଥିତିରେ, ଉଭୟଙ୍କୁ ପରସ୍ପର ବିରୁଦ୍ଧରେ ଠିଆ କରିବା ଏକ ଅସମାନ ପ୍ରତିଯୋଗିତାକୁ ପ୍ରତିନିଧିତ୍ୱ କରେ।

କୃଷକ ସଂଗଠନଗୁଡ଼ିକ ଏହି ଚୁକ୍ତିନାମାରେ ୨୦୨୦ ର ତିନୋଟି କୃଷି ଆଇନର ଛାୟା ଦେଖନ୍ତି। ସେତେବେଳେ, ସରକାର ଦାବି କରିଥିଲେ ଯେ ଏହି ଆଇନଗୁଡ଼ିକ ଚାଷୀଙ୍କ ଆୟ ବୃଦ୍ଧି କରିବ, କିନ୍ତୁ ଶେଷରେ ଏକ ବର୍ଷ ପ୍ରତିବାଦ ପରେ ସେମାନଙ୍କୁ ସେଗୁଡ଼ିକୁ ପ୍ରତ୍ୟାହାର କରିବାକୁ ପଡିଲା। ବର୍ତ୍ତମାନ, ବାଣିଜ୍ୟ ଚୁକ୍ତି ମାଧ୍ୟମରେ, ସମାନ ଏଜେଣ୍ଡା - ବଜାରକୁ ସର୍ବୋଚ୍ଚ କରିବା ଏବଂ ରାଜ୍ୟର ଭୂମିକା ହ୍ରାସ କରିବା - ଏକ ଭିନ୍ନ ଉପାୟରେ ଅନୁସରଣ କରାଯାଉଛି। ଏକମାତ୍ର ପାର୍ଥକ୍ୟ ହେଉଛି ଯେ ଏଥର, 'ଘରୋଇ ସଂସ୍କାର' ବଦଳରେ 'ଆନ୍ତର୍ଜାତୀୟ ପ୍ରତିବଦ୍ଧତା' ନାମରେ ଚାପ ପ୍ରୟୋଗ କରାଯାଉଛି। ଭାରତର ଅଧାରୁ ଅଧିକ ଜନସଂଖ୍ୟା ଏପର୍ଯ୍ୟନ୍ତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରେ। ଯଦି ଶସ୍ତା ଆମେରିକୀୟ ଉତ୍ପାଦ ଭାରତୀୟ ବଜାରରେ ପ୍ରବେଶ କରେ, ତେବେ କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀମାନେ ପ୍ରଥମେ ପ୍ରଭାବିତ ହେବେ। କ୍ଷୀର, ତୈଳବୀଜ, ଡାଲି ଏବଂ ପଶୁଖାଦ୍ୟ କ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ବାଜିରେ ଲାଗିପାରେ। ଏହା କେବଳ ଚାଷୀଙ୍କ ପାଇଁ ସମସ୍ୟା ହେବ ନାହିଁ, ବରଂ ଗ୍ରାମାଞ୍ଚଳ ଚାହିଦା ହ୍ରାସ ପାଇବ, କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଯିବ ଏବଂ ବେକାରୀ ବୃଦ୍ଧି ପାଇବ।

ବାମପନ୍ଥୀ ଦଳ ଏବଂ ଟ୍ରେଡ୍ ୟୁନିଅନଗୁଡ଼ିକ ଏହି ଚୁକ୍ତିନାମାକୁ ଆର୍ଥିକ ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି କହିଛନ୍ତି। ବିଶେଷ ଭାବରେ ଗମ୍ଭୀର ହେଉଛି ଏହି ଅଭିଯୋଗ ଯେ ଆମେରିକା ଭାରତର ଶକ୍ତି ଆମଦାନୀ ଉପରେ ପରୋକ୍ଷ ଚାପ ପ୍ରୟୋଗ କରୁଛି - ବିଶେଷକରି ରୁଷରୁ ଏହାର ତୈଳ କ୍ରୟ। ଯଦି କୌଣସି ବିଦେଶୀ ଶକ୍ତି ଭାରତ କାହାଠାରୁ ତେଲ କିଣୁଛି ତାହା ନିର୍ଦ୍ଦେଶ ଦେବା ଆରମ୍ଭ କରେ, ତେବେ ଏହା କେବଳ ବାଣିଜ୍ୟ ନୀତିର ବିଷୟ ନୁହେଁ, ବରଂ ବୈଦେଶିକ ନୀତି ଏବଂ ରଣନୈତିକ ସ୍ୱାୟତ୍ତତାର ପ୍ରଶ୍ନ ମଧ୍ୟ ହୋଇଯାଏ।ଦଶନ୍ଧି ଧରି, ଭାରତ ଏକ ଅସହଯୋଗୀ ଏବଂ ସ୍ୱାଧୀନ ବୈଦେଶିକ ନୀତିକୁ ସମର୍ଥନ କରିଆସିଛି। କିନ୍ତୁ ଏପରି ଚୁକ୍ତିନାମା ସେହି ପରମ୍ପରାକୁ ଦୁର୍ବଳ କରୁଥିବା ପରି ମନେହୁଏ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏତେ ଦୂର ପ୍ରସାରୀ ପ୍ରଭାବ ସହିତ ଏକ ଚୁକ୍ତିନାମା ଉପରେ ସଂସଦରେ କାହିଁକି କୌଣସି ବିସ୍ତୃତ ଆଲୋଚନା ହୋଇନଥିଲା ? ସମ୍ପୂର୍ଣ୍ଣ ସର୍ତ୍ତାବଳୀ କାହିଁକି ସାର୍ବଜନୀନ କରାଯାଇ ନଥିଲା ? ଏକ ଗଣତନ୍ତ୍ରରେ, ଅର୍ଥନୈତିକ ନୀତି କେବଳ ମନ୍ତ୍ରୀସ୍ତରୀୟ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିଷ୍ପତ୍ତି ନିଆଯାଇ ନଥାଏ। ସେଗୁଡ଼ିକୁ ଜନସାଧାରଣ ଏବଂ ସଂସଦର ପରୀକ୍ଷାରେ ଠିଆ ହେବାକୁ ପଡିବ। ସ୍ୱଚ୍ଛତାର ଅଭାବ ଅବିଶ୍ୱାସ ଜନ୍ମାଏ।

ସରକାର ଦାବି କରୁଛନ୍ତି ଯେ ଏହି ଚୁକ୍ତିନାମା ରପ୍ତାନିକୁ ବୃଦ୍ଧି କରିବ, ନିବେଶକୁ ଆକର୍ଷିତ କରିବ ଏବଂ ନିଯୁକ୍ତି ସୃଷ୍ଟି କରିବ। ଏହି ଯୁକ୍ତି ଆଂଶିକ ଭାବରେ ଠିକ୍ ହୋଇପାରେ, କିନ୍ତୁ ପ୍ରଶ୍ନ ହେଉଛି, ନିଯୁକ୍ତି କାହା ପାଇଁ ଏବଂ କେଉଁ ମୂଲ୍ୟରେ ହେବ? ଲକ୍ଷ ଲକ୍ଷ ଚାଷୀ କ୍ଷତି ସହୁଥିବା ବେଳେ ଯଦି କିଛି କ୍ଷେତ୍ର ଲାଭ ପାଏ, ତେବେ ଏହାକୁ ସନ୍ତୁଳିତ ବିକାଶ କୁହାଯାଇପାରିବ ନାହିଁ। ଫେବୃଆରୀ ୧୨ ତାରିଖରେ ସାଧାରଣ ଧର୍ମଘଟ କେବଳ ବାଣିଜ୍ୟ ଚୁକ୍ତିନାମା ବିରୁଦ୍ଧରେ ନଥିଲା, ବରଂ ଗତ ଦଶନ୍ଧି ଧରି ଅନୁସରଣ କରାଯାଉଥିବା ଅର୍ଥନୈତିକ ମଡେଲ ବିରୁଦ୍ଧରେ ଥିଲା - ଯେଉଁଠାରେ କର୍ପୋରେଟ୍ ଏବଂ ବିଦେଶୀ ନିବେଶକୁ ପ୍ରାଥମିକତା ଦିଆଯାଇଛି, ଯେତେବେଳେ ଚାଷୀ ଏବଂ ଶ୍ରମିକଙ୍କୁ ସୀମାନ୍ତ କରାଯାଇଛି। ଏହି ଧର୍ମଘଟ ଏକ ଚେତାବନୀ ଥିଲା ଯେ ଯଦି ସରକାର ଆଲୋଚନା ଏବଂ ସ୍ୱଚ୍ଛତାର ପଥ ଗ୍ରହଣ ନ କରନ୍ତି, ତେବେ ସାମାଜିକ ଅସନ୍ତୋଷ କେବଳ ବୃଦ୍ଧି ପାଇବ। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାକୁ କେବଳ ଏକ 'ସୁଯୋଗ' କିମ୍ବା କେବଳ ଏକ 'ସମର୍ପଣ' କହିବା ଏକ ଅବମାନନା ହେବ। ପ୍ରକୃତ ପ୍ରଶ୍ନ ହେଉଛି ଏହି ଚୁକ୍ତିନାମାର ସର୍ତ୍ତାବଳୀ କାହାର ସପକ୍ଷରେ। ଯଦି ଭାରତ ବିଶ୍ୱ ଅର୍ଥନୀତିରେ ସାମିଲ ହେବାକୁ ଚାପ ପକାଇବ, ତେବେ ଏହା ନିଜସ୍ୱ ସର୍ତ୍ତରେ ହେବା ଉଚିତ, ଚାପରେ ନୁହେଁ। କୃଷକଙ୍କ ଜୀବନଜୀବିକା, ଦେଶର ଖାଦ୍ୟ ସୁରକ୍ଷା ଏବଂ ଆର୍ଥିକ ସାର୍ବଭୌମତ୍ୱ ଯେକୌଣସି ଆପୋଷ ଉପରେ ରହିବା ଉଚିତ।

ଆଜି, ଦେଶ ଏକ ସନ୍ଧି ପଥ ଉପରେ ଠିଆ ହୋଇଛି - ହୁଏତ ଏହା ଅନ୍ତର୍ଭୁକ୍ତ ଏବଂ ଆତ୍ମନିର୍ଭରଶୀଳ ବିକାଶର ପଥ ବାଛିବ, କିମ୍ବା ଏହା ଏପରି ଏକ ମଡେଲ ଗ୍ରହଣ କରିବ ଯାହା କିଛି ଲୋକଙ୍କ ହାତରେ ଲାଭ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ହାତରେ ଅସୁବିଧା କେନ୍ଦ୍ରିତ କରିବ। ଫେବୃଆରୀ ୧୨ ତାରିଖର ଧର୍ମଘଟ ଏହି ସନ୍ଧି ପଥକୁ ଇଙ୍ଗିତ କରୁଛି।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ସମସ୍ତ ସୃଷ୍ଟିର ସ୍ୱାମୀ ଶିବ



ମନୋଜ କୁମାର ବେହେରା

ଦେବଙ୍କର ଦେବ ମହାଦେବ, ବ୍ୟମକେଷ,ଜୀବଙ୍କର ପରମ କଲ୍ୟାଣ କରିବା ବାଲା ଭଗବାନ ଆଶୁତୋଷଙ୍କ ପରମ ଉତ୍ସବ ଶିବରାତ୍ରି ହିନ୍ଦୁଙ୍କର ସବୁଠୁ ପବିତ୍ର ଉତ୍ସବରୁ ଗୋଟିଏ। ଶିବ ହିଁ ସମସ୍ତ ସୃଷ୍ଟିର ସ୍ୱାମୀ ଅଟନ୍ତି । ଭୂତଭାବନଃ ଭଗବାନ ଶଙ୍କର ହିଁ ଏହି ଚରାଚର ଜଗତରେ ସମସ୍ତ ପ୍ରାଣୀ ମନୁଷ୍ୟ, ପକ୍ଷୀ,ଦେବ,ଦାନବଙ୍କୁ ଏହି ଧରା ଉପରେ ଅସ୍ତିତ୍ୱ ପ୍ରଦାନ କରିଥାନ୍ତି । ସେ ହିଁ ଆଦି ଆଉ ସେ ହିଁ ଅନ୍ତ ଅଟନ୍ତି। ଭୂତର ତାତ୍ପର୍ଯ୍ୟ କେବଳ ଭୂତ-ପ୍ରେତ ଆତ୍ମାରୁ ନୁହେଁ,ଏହା ଭୂତର ମୂଳ ଅର୍ଥ, ଯାହା ଏହି ଧରା ଉପରେ ଉତ୍ପନ୍ନ ହେଇଛି । ଅର୍ଥାତ୍ ପଞ୍ଚଭୂତରେ ତିଆରି ଏହାର ପ୍ରତ୍ୟେକ ଜୀବ ଭୂତ ଅଟନ୍ତି। ଭାବନଃର ତାତ୍ପର୍ଯ୍ୟ ହେଲା,ଏହାର ପାଳନ କରିବା ବାଲା ଏବଂ ଏହାର କଲ୍ୟାଣ କରିବା ବାଲା ବାବା ବିଶ୍ୱନାଥଙ୍କ ଏହି ପର୍ବକୁ ପାଳନ କରିବା ପଛରେ ବହୁତ କଥା ପ୍ରଚଳିତ ଅଛି। ଶିବ ପୁରାଣରେ ମହାଶିବରାତ୍ରୀର ବିସ୍ତାରରେ ବର୍ଣ୍ଣନା କରାଯାଇଛି। ଶିବ ପୁରାଣରେ ରୁଦ୍ର ସଂହିତା (ପାର୍ବତୀ ଖଣ୍ଡରେ) ଭଗବାନ ଶିବଙ୍କ ପାର୍ବତୀଙ୍କ ସହିତ ବିବାହ ଉତ୍ସବର ବର୍ଣ୍ଣନା ମିଳେ। ବସନ୍ତ ପଞ୍ଚମୀ ପରେ ଆସୁଥିବା ଏହି ପର୍ବ ପ୍ରକୃତିକୁ ଅତ୍ୟନ୍ତ ସୁନ୍ଦର ମନୋଭାବନ ସ୍ୱରୂପର ସମୟ ପାଳନ କରାଯାଏ। ଏଠାରେ ଶିବଙ୍କ ଚେତନା ଏବଂ ଉର୍ଜାର ଯୋଗର ଉତ୍ସବ ମଧ୍ୟ ପାଳନ କରାଯାଏ । ଶିବରାତ୍ରୀରେ ଆଧ୍ୟାତ୍ମିକ ରୂପରେ ଯଦି ଦେଖାଯିବ ତା'ହେଲେ ଶିବଙ୍କ ଅର୍ଥ ହେଲା 'କଲ୍ୟାଣ' ଆଉ ରାତ୍ରୀର ଅର୍ଥ ହେଲା 'ବିଶ୍ରାମ' ଅଥବା ଅନ୍ଧକାର। ମହାଶିବରାତ୍ରୀର ଏହି ପର୍ବ ଅଜ୍ଞାନତାର ଅନ୍ଧକାରକୁ ଲିଭେଇ କରି ଆତ୍ମଜ୍ଞାନରେ ପ୍ରକାଶର ଆଡକୁ ବଢିବାର ପ୍ରତୀକର ରୂପରେ ମଧ୍ୟ ଦେଖାଯାଏ। ମହାଶିବରାତ୍ରୀକୁ ପାଳନ ପଛରେ ଅନ୍ୟ ପୌରାଣିକ ଗାଥାର ବର୍ଣ୍ଣନ ସମୁଦ୍ର ମନ୍ଥନ ଆଉ ବିଷପାନରେ ଜଡିତ। ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ହଳାହଳ ନାମକ ବିଷ ସମୁଦ୍ରରୁ ବାହାରିଲା, ଆଉ ତାକୁ ଗ୍ରହଣ କରିବା ପାଇଁ ସୁର ଅସୁରଙ୍କ ମଧ୍ୟରୁ କେହିବି ଆଗକୁ ଆସିଲେନି। ଏମିତି ସମୟରେ ଭଗବାନ ଶିବ ଏହି ହଳାହଳ ବିଷକୁ ପିଇ କରି ନୀଳକଣ୍ଠ ଚରିତାର୍ଥ କଲେ। ଏହି ଉପକାରର କାରଣ ମଧ୍ୟ ଆଭାର ସ୍ୱରୂପ ଭକ୍ତମାନେ ଏହି ବ୍ରତ ରଖିଥାନ୍ତି ଆଉ ମହାଶିବରାତ୍ରୀର ପର୍ବ ପାଳନ କରନ୍ତି। ମହାଶିବରାତ୍ରୀ ଉପବାସ ରଖିବାର ନିୟମ ଅଛି,ଯାହାର ତାତ୍ପର୍ଯ୍ୟ ହେଲା ନିଜର ଇନ୍ଦ୍ରିୟର ଉପରେ ସଂଯମ ରହିବା ଦରକାର। ଭକ୍ତ ଜାଗରଣ କରିକି ଅଜ୍ଞାନରୁ ଜାଗରଣର ଶିକ୍ଷା ପ୍ରାପ୍ତ କରିଥାନ୍ତି। ବେଲ ପତ୍ରକୁ ଶିବଲିଙ୍ଗ ଉପରେ ଅର୍ପଣ କରିବାର ତାତ୍ପର୍ଯ୍ୟ ତ୍ରଗୁଣ ଉପରେ ବିଜୟ ଅଟେ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆନ୍ତର୍ଜାତିକ ମହିଳା ଦିବସ ଏବଂ ଓଡିଶା



ସସ୍ମିତା ପାତ୍ର

୧୯୧୦ମସିହାରେ ପ୍ରଥମ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଏଥିରେ ପୃଥିବୀର ବିଭିନ୍ନ ଦେଶରୁ ନାରୀ ମାନେ ଆସି ଭାଗ ନେଇ ଥିଲେ। ଏଥିରେ ମହିଳା ମାନଙ୍କର କର୍ତବ୍ୟ ଏବଂ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ଜର୍ମାନୀ ର ଜଣେ ଶିକ୍ଷୟତ୍ରୀ ଶ୍ରୀମତୀ କ୍ଲାରା ଜେଠକିନଙ୍କ ମାତାନୁସାରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସର ମାନ୍ୟତା ଦେବା ନିମନ୍ତେ ପ୍ରସ୍ତାବ ଦେଇ ଥିଲେ। ଏହା ପର ଠାରୁ ମାର୍ଚ୍ଚ ମାସ ୮ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳିତ ହୋଇ ଆସୁଅଛି। ନାରୀ ନିଜକୁ କେବେ ଦୁହିତା, ଭଗିନୀ, ସହଧର୍ମିଣୀ ଭାବେ ନିଜ ପରିବାର ସହିତ ଓତପ୍ରତ ଭାବେ ଜଡିତ। ସେ ତ୍ୟାଗ ଓ ମମତାମୟୀ। ନିଜ ନିସ୍ୱାର୍ଥପର ସେବା ଭାବ ନେଇ ଘର ସଂସାର ଚଳେଇଥାଏ। ଶିଶୁଟିଏର ଜନ୍ମରୁ ଲାଳନପାଳନ ଶିକ୍ଷା ସବୁର ଦାୟିତ୍ୱ ଅତି ଆନନ୍ଦର ସହିତ ତୁଲାଇ ଥାଏ। ତାର ଏହି ନିସ୍ୱାର୍ଥପର ସ୍ୱେବା ପାଇଁ ସମାଜ ତାକୁ ଅବଳା ଦୁର୍ବଳା କରି ଉଚିତ ସମ୍ମାନ ଦେଉ ନାହିଁ। ବୈଦିକ ଯୁଗରେ ଭାରତ ବର୍ଷରେ ନାରୀଙ୍କୁ ପୁରୁଷଙ୍କ ସମଖନ୍ଦ ହୋଇ ସମାଜରେ ସ୍ୱତନ୍ତ୍ର ଜାଗା ମିଳି ଥିଲା। ଏହି ସମୟରେ ଗାର୍ଗୀ, ମୈତ୍ରୀ ଆଦି ଅନେକ ନାରୀ ସମାଜରେ ନିଜ ବୁଦ୍ଧି ଏବଂ ବିଦ୍ୟା ଯୋଗୁଁ ଏକ ସ୍ୱତନ୍ତ୍ର ସ୍ଥାନ ପାଇ ଥିଲେ। ମଧ୍ୟ ଯୁଗରେ ନାରୀ ମାନଙ୍କ ପ୍ରଗତି ଗରୁଡ଼ ପୂରଣରେ ଉଲ୍ଲେଖ ଅଛି

'ପିତା ରକ୍ଷତି କୌମାରେ
ଭର୍ତ୍ତା ରକ୍ଷତି ଯୌବନେ
ବାର୍ଦ୍ଧକ୍ୟେ ପୁତ୍ରୋ ରକ୍ଷତି
ନ ସ୍ତ୍ରୀ ସ୍ୱାତନ୍ତ୍ର ମହାର୍ତି।'

ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ଥିତି ଏବଂ ପ୍ରଗତି କୁ ସ୍ୱୀକାର କରିବା ପାଇଁ ଆଗଭର ହୁଏ ନାହିଁ। ନାରୀ ଶୈଶବରେ ପିତା, ଯୌବନରେ ସ୍ୱାମୀ, ଏବଂ ବାର୍ଦ୍ଧକ୍ୟରେ ପୁତ୍ର ଦ୍ୱାରା ସୁରକ୍ଷିତ ରହେ। ଆଜିର ଯୁଗରେ ନାରୀ ଆଉ ସେପରି ଆବଧ ହୋଇ ରହି ନାହିଁ। ପୁରୁଷଙ୍କ ସହିତ ସମସ୍କନ୍ଦ ହୋଇ ଜଳ, ସ୍ଥଳ ଆକାଶରେ ନିଜକୁ ଉଚ୍ଚ କରିବାରେ ସକ୍ଷମ ହୋଇପାରିଛି। ନିଜ ଉନ୍ନତିର ଧ୍ୱଜା ନିଜେ ଉଡେଇ ପାରିଛି। କଳ୍ପନା ଚାୱ୍ଲାଙ୍କ ପରି ଆନ୍ତରିକ୍ଷ ଅଭିଯାନ ସଫଳ ପୂର୍ବକ କରିପାରିଛି।

ଜାତିସଙ୍ଗରେ ସାଧାରଣ ପରିଷଦ ମଧ୍ୟ ନାରୀର ପ୍ରଗତି ଏବଂ ନାରୀ ଶିକ୍ଷା ନିମନ୍ତେ ଦୃଷ୍ଟି ନିକ୍ଷେପ କରି ଅନେକ ପ୍ରକାରର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୯୭୫ ମସିହାରୁ ୧୯୮୫ ଜାତିସଙ୍ଘ ମହିଳା ଦଶକ ଭାବେ ଘୋଷଣା କରି ନାରୀଙ୍କ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ୧୯୭୫ ମସିହାକୁ ଜାତିସଙ୍ଘ ସାଧାରଣ ପରିଷଦ ମହିଳା ବର୍ଷର ମାନ୍ୟତା ପ୍ରଦାନ କରିଥିଲେ। ୧୯୭୯ ମସିହାକୁ ଜାତିସଙ୍ଘ ଆନ୍ତର୍ଜାତିକ ଶିଶୁ ବର୍ଷ ଭାବେ ପାଳନ କରିଥିଲା। ବିଶ୍ୱରୁ ନିରକ୍ଷାରତା ଦୂର କରିବା ନିମନ୍ତେ ଜାତିସଙ୍ଘ ୧୯୯୦ ମସିହାକୁ ଆନ୍ତର୍ଜାତିକ ସାକ୍ଷାର ଦିବସ ରୂପେ ପାଳନ କରିଥିଲା।

୧୯୯୦ ମସିହାରେ ଭାରତ, ପାକିସ୍ଥାନ, ବଙ୍ଗାଳଦେଶ, ନେପାଳ, ଭୁଟାନ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ଏକତ୍ରିତ ହୋଇ ସାର୍କ ଗଠନ କରି ସମଗ୍ର ଏସିଆ ମହାଦେଶରେ ଶାନ୍ତି ଓ ପ୍ରଗତି ଆଣିବାରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ୧୯୯୦ ମସିହାରେ ବାଳିକା ବର୍ଷ କରି କିପରି ବାଳିକାଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ର ଉନ୍ନତି ହେବ ସେ ଦିଗରେ ଅନେକ ଅନେକ ଯୋଜନା ସବୁ ସ୍ଥିର ହୋଇଥିଲା। ଦେଶରେ ବାଳିକା ଆଜି ଠିକରେ ରହିଲେ ପରେ ସେମାନେ ବଡ଼ ହୋଇ ଦେଶର ସର୍ବାଙ୍ଗୀନ ଉନ୍ନତି କରିବେ।

ମଧ୍ୟ ଯୁଗରେ ଓଡ଼ିଶାରେ ନାରୀ ମାନେ ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ ଠାରୁ ଖ୍ରୀଷ୍ଟାବ୍ଦ ୧୫ ରେ ନାରୀ ମାନେ ସର୍ବ ଭୌମ୍ୟ କ୍ଷେତ୍ରରେ ଅଗ୍ରସର ଥିଲେ ତାହା ଅଭିଲେଖା ରେ ଜଣା ପଡିଛି। ଓଡ଼ିଶାରେ ଭୌମ୍ ରାଜତ୍ୟ ସମୟରେ ଛ ଜଣ ନାରୀ ଅଧିକାରୀ ହୋଇ ଶାସନ କରିଥିଲେ। ପ୍ରଥମ ନାରୀ ଶାସିକା ହୋଇ ତ୍ରିଭୁବନ ମହାଦେବୀ ୧ ଶାସନ କରିଥିବାର ତାମ୍ରଲିପିରେ ଲେଖା ହୋଇଅଛି।

ଓଡ଼ିଶାରେ ଭୂମି ପ୍ରଦାନ ସମୟରେ ରାଣୀମାନଙ୍କର ନାମାଙ୍କିତ ମୋହର ମୁଦ୍ରିତ ହେବାର ଦୃଷ୍ଟାନ୍ତ ରହିଛି। ସମ୍ରାଟ ଅଶୋକ ଯେତେବେଳେ ଓଡିଶାକୁ ଆକ୍ରମଣ କରିଥିଲେ ତାଙ୍କ ସହିତ ଯୁଦ୍ଧ କରିବା ପାଇ ଓଡିଶାରୁ ନାରୀ ମାନେ ଘର ଛାଡି ବାହାରି ନିଜର ବୀରତାର ପରିଚୟ ଦେଇଥିଲେ। ଯୁଦ୍ଧ ରେ ହାରିଥିଲେ କିନ୍ତୁ ନିଜର ସାହସର ଏକ ପରିଚୟ ଦେଇଥିଲେ ସମଗ୍ର ବିଶ୍ୱକୁ।

ଉତ୍କଳ ଗୌରବ ମାଧସୂଦନ ଦାସ ନାରୀ ଶିକ୍ଷା ନିମନ୍ତେ ଏକ ମହିଳା ବିଦ୍ୟାଳୟ ଶୈଳବାଳା ମହାବିଦ୍ୟାଳୟ ଖୋଲି ଥିଲେ। ସେ ଥିରେ ସେ କୁନ୍ତଳା କୁମାରୀ ସାବତ, ତଥା ଅନ୍ୟ ନାରୀ ମାନେ ପାଠ ପଢିବା ପାଇଁ ସୁବିଧା କରେଇଥିଲେ। କୁନ୍ତଳା କୁମାରୀ ସାବତ ପ୍ରଥମ ଓଡ଼ିଆ ମହିଳା ଡ଼କ୍ଟର ହୋଇ ଓଡ଼ିଶାରେ ଅନେକ ବର୍ଷ ସେବା କରିଥିଲେ। ଓଡିଶାର ନାରୀ ନେତ୍ରୀ ରମାଦେବୀ, ମଳତୀ ଚୌଧୁରୀ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ। ନେତାଜୀ ସୁଭାଷ ବୋଷଙ୍କ ଆଜାଦ ହିନ୍ଦ ଫୌଜରେ ବ୍ରହ୍ମପୁରର କିଛି ନାରୀ ସକ୍ରିୟ ଭାଗ ନେଇଥିଲେ। ବିଜୁ ପଟ୍ଟନାୟକ ମୁଖ୍ୟ ମନ୍ତ୍ରୀ ହେବ ସମୟରେ ନାରୀର ଉନ୍ନତିରେ ରାଜ୍ୟର ଉନ୍ନତି ବୋଲି ବୁଝିପାରିଥିଲେ। ସେ ଦ୍ୱିତୀୟ ଥର ମୁଖ୍ୟ ମନ୍ତ୍ରୀ ହେବା ସମୟରେ ପଞ୍ଚାୟତ ରାଜରେ ମହିଳାଙ୍କୁ ଶିକ୍ଷା ଏବଂ ଦେହ ପ୍ରତି ଧ୍ୟାନ ଦେଇଥିଲେ। ସେଥିପାଇଁ ପଞ୍ଚାୟତ ରାଜରେ ସେ ନାରୀ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ଥିଲେ। ସେ ମହିଳାଙ୍କର ଶିକ୍ଷା ନିମନ୍ତେ ରାଜ୍ୟରେ ୩୩%ସୁରକ୍ଷା କରିଥିଲେ। ପୁଣି ଆମ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ ନିଜ ଭଉଣୀ ସହିତ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ରେ ନିଜ ମନ୍ଦିରରୁ ମାଉସୀମା ମନ୍ଦିରକୁ ପ୍ରତ୍ୟେକ ବର୍ଷ ଯାନ୍ତି। ମନ୍ଦିରେ ମଧ୍ୟ ନିଜ ଭଉଣୀ ଏବଂ ବଡ଼ ଭାଇ ସହିତ ସହିତ ପୂଜା ପାଆନ୍ତି। ତାଙ୍କରି ପ୍ରସାଦ ମାତା ଲକ୍ଷ୍ମୀ ଙ୍କୁ ଅର୍ପଣ କରନ୍ତି ଏବଂ ଏହାକୁ ମହାପ୍ରସାଦ ଆଖ୍ୟା ଦିଆ ଯାଇଥାଏ। ନାରୀଙ୍କୁ ଉଚ୍ଚ ସ୍ଥାନ ଦେବାରେ ସ୍ୱୟଂ ଜଗନ୍ନାଥ ସଂସ୍କୃତି ପଛଘୁଞ୍ଚା ଦେଇ ନାହିଁ। ଯେଉଁ ରାଜ୍ୟରେ ନାରୀ ଶିକ୍ଷିତା, ପୂଜିତା ସେଇ ରାଜ୍ୟ ସଦାବେଳେ ଉନ୍ନତିର ପଥରେ ଆଗେଇ ଯାଏ।

*ଦୂରଭାଷ : ୯୦୩୧୮୧୬୫୨୮*

# ଧାରାବାହିକ ଉପନ୍ୟାସ



କମଳିନୀ ମଲ୍ଲିକ

ଓଡିଆ ସାହିତ୍ୟ ଜଗତରେ କମଳିନୀ ମଲ୍ଲିକ ଏକ ପରିଚିତ ସ୍ରଷ୍ଟା । ପ୍ରଥମରୁ ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା କମଳିନୀ ମଲ୍ଲିକ୍ ପରବର୍ତ୍ତି ସମୟରେ ଆଧୁନିକ ଗଳ୍ପ ଓ କବିତା ରଚନା କରି ବେଶ୍ ପାଠକପ୍ରିୟ ହୋଇ ପାରିଛନ୍ତି ଏବଂ ତାଙ୍କର ଶତାଧିକ ଗଳ୍ପ ଓ କବିତା ବହୁ ପ୍ରତିଷ୍ଠିତ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ବିଶେଷଭାବେ ଗଳ୍ପ ରଚନାରେ ନିଜକୁ ଖୁବ୍ ନିବିଷ୍ଟ କରିଥିବା ଏହି କଥାକାରଙ୍କର ଲେଖାରେ ଜୀବନବାଦର ଚମତ୍କାର ଉପସ୍ଥାପନା ଓ ଶୈଳୀ ପାଠକମାନଙ୍କୁ ମୁଗ୍ଧ କରିଛି । ସାମାଜିକ ସ୍ତରରେ ହେଉ ଅବା ବ୍ୟକ୍ତିଗତ ସ୍ତରରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀକୁ ସେ ତାଙ୍କର ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ଏପରି ସମାହିତ କରିଥାନ୍ତି, ଯେଉଁଥିରେ କାରୁଣ୍ୟ, ଆବେଗ, ଦର୍ଶନ, ପ୍ରେମ ସହିତ ଥାଏ ମଧ ସାମାଜିକ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା । ସ୍ୱାର୍ଥପରତା ଓ ସୁବିଧାବାଦିତାକୁ ଆପଣେଇ ନେଉ ନେଉ ଭଲୁ ଯାଉଥିବା ଜୀବନର ଉଚିତ୍ ମାର୍ଗକୁ କଥାକାର ପରୋକ୍ଷ ଭାବରେ କି ୍ୟା ପ୍ରତ୍ୟେକ୍ଷ ଭାବରେ ତାଙ୍କ କଥା କାରିଗରିତାରେ ଦର୍ଶାଇଥାନ୍ତି । ସରଳ, ସହଜ ଓ ସାବଲୀଳ ଭାବରେ କୌଣସି ଶବ୍ଦାଡ ମ୍ବର ବିନା ଏବଂ ନିଜେ ନିରବଚ୍ଛିନ୍ନ ଓ ନିର୍ବିକାର ହୋଇ ଲେଖି ଚାଲିଥିବା ଲେଖିକା କମଳିନୀ ମଲ୍ଲିକଙ୍କ ଗଳ୍ପ ଓ କବିତା ପ୍ରତ୍ୟେକ ପାଠକଙ୍କୁ ବାନ୍ଧି ରଖିବାର କ୍ଷମତା ରଖେ ।

ଭାଗ-୪

## ସବୁଜ ବନର ମାୟା



*(ପୂର୍ବପ୍ରକାଶ ଉତ୍ତାରୁ)*

ବିଧାତା ବି କାହିଁକି କେଜାଣି ସବୁ ପ୍ରପଂଚ, ସବୁ ପ୍ରହେଳିକା ଏଇ ନାରୀର ଶରୀର ଭିତରେ କୁଢେଇ ଦେଇଥାନ୍ତି । ଯାହା ପାଇଁ ସେ ସୁଖ ତ କେତେ ପାଏ ଜାଣି ପାରେନି, ଏଥିପାଇଁ ଯେତିକି ଦହଗଞ୍ଜ ହେବାକୁ ପଡେ, ଯେତିକି ଅପଦସ୍ତ ହେବାକୁ ପଡେ, ସେକଥା କେବଳ ସିଏ ହିଁ ଜାଣେ ।

ଏହିଭଳି ବହୁ ରୁଗ୍ଣ ମାନସିକତା ରଶ୍ମୀଙ୍କୁ ଅହରହ ଘାଂଟୁଥାଏ । ତାଙ୍କୁ ଦୋଷୀ ବୋଲି ପ୍ରମାଣିତ କରାଉଥାଏ । ଅନ୍ୟ ପକ୍ଷରେ ନିଜକୁ କିଛିଟା ସାନ୍ତ୍ୱନା ଦିଅନ୍ତି ଯେ ସେ ଦୀନେଶ ଭଳି ସ୍ୱାମୀଟିଏ ପାଇଛନ୍ତି । ଯିଏ କେବେ ବି ତାଙ୍କୁ ଏହି ପ୍ରସଙ୍ଗକୁ ନେଇ ଆଘାତ କିମ୍ବା ଇଙ୍ଗିତ ମଧ କରି ନାହାନ୍ତି । କେବେ ବି ତାଙ୍କ ଆଡକୁ ଆଙ୍ଗୁଳି ଦେଖେଇ ନାହାନ୍ତି । ବରଂ ତାଙ୍କୁ ସାନ୍ତ୍ୱନା ଦିଅନ୍ତି, ତାଙ୍କ ଦୁଃଖ ଓ ଅଶାନ୍ତିକୁ କାଢି ନିଅନ୍ତି । ତାଙ୍କ ଭିତରେ ଜଳୁଥିବା ସେଇ ଅଭାବବୋଧର ଜ୍ୱାଳାକୁ କେତେ ସହଜ ଓ ସରଳ ଭାବରେ ଉପଶମ କରାଇ ଦିଅନ୍ତି । ଯଦିଓ ସେ ଜାଣିଥିଲେ ଯେ ସନ୍ତାନ ସୁଖ ଓ ପ୍ରାପ୍ତିର ସୌଭାଗ୍ୟରୁ ବଂଚିତ ହେବା ତାଙ୍କ ତରଫରୁ ନୁହେଁ, ତ୍ରୁଟି ରହିଛି ରଶ୍ମୀଙ୍କ ପାଖରେ ।

ବିଶେଷକରି ଏହି କଥାଟି ରଶ୍ମୀଙ୍କ ମର୍ମ ଭେଦିଯାଏ । ବାସ୍ତବିକ ଏହି ମାତୃତ୍ୱ ପାଇବା ଏବଂ ମାଆଟିଏ ହେବା ବିଧି ନିର୍ଦ୍ଦେଶିତ ବା ଐଶ୍ୱରୀୟ ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ମାଆ ଏକ ଅନାସକ୍ତ ଅବ୍ୟକ୍ତ ଆନନ୍ଦ ଓ ମାତୃତ୍ୱ ଏକ ଅନାବିଳ ଛଳଛଳ ଆବେଗ । ଏକ ତପସ୍ୟା, ଏକ ସାଧନା । ଯିଏ କେବଳ ପୂର୍ଣ୍ଣତା ଓ ସମର୍ପଣର ନିରନ୍ତର ପ୍ରୟାସଟିଏ । ଅଥଚ ରଶ୍ମୀ ସେହିସବୁ ଆବେଗ ଓ ଅନୁଭବରୁ କେତେ ଦୂରରେ । ଦଶମାସ ଦଶଦିନ ଗର୍ଭରେ ଧାରଣ କରିବାର କଷ୍ଟ ଏବଂ ପ୍ରସବର ଅସହ୍ୟନୀୟ ଯନ୍ତ୍ରଣା ଭିତରେ ଶିଶୁଟିଏ ଜନ୍ମ ନେଲା ପରେ ଯେଉଁ ଆନନ୍ଦ ଏବଂ ଶିଶୁଟିକୁ ଦମ୍ଭକରି ପୃଥିବୀରେ ଠିଆ କରାଇବାରେ ମାଆର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା, ଏସବୁ ରଶ୍ମୀଙ୍କ ଜୀବନରେ ଆଜିଯାଏ ଆସି ନାହିଁ । ସନ୍ତାନଟିଏ ଆସିଥିଲେ ତାଙ୍କର ଏଇ ଛୋଟ ଦୁନିଆଁଟିର ରୂପରେଖ ଆଜି ହୁଏତ ଏମିତି ନିରୀମାଖି ଓ ନିଃସହାୟ ହେଇ ନଥାନ୍ତା । ସେ ଦୁନିଆଁରେ କେତେ ରଙ୍ଗ, କେତେ ରୂପ, କେତେ ଛନ୍ଦ ଓ ଗନ୍ଧ ଉଦ୍ଭାଷିତ ହେଉଥାନ୍ତା । ତାଙ୍କର ସବୁ ସମୟ, ସବୁ ବ୍ୟସ୍ତତା କେବଳ ତାରି ପାଇଁ ହିଁ କଟି ଯାଉଥାନ୍ତା । ତାର ମାଆ ଡାକରେ ସେ ସବୁ କ୍ଲାନ୍ତି ଓ ବ୍ୟଥାକୁ ଭୁଲି କେବଳ ତା ପାଖକୁ ଧାଇଁ ଯାଉଥାନ୍ତେ । ସେ ଅଝଟ ହେଇଥିଲେ ତା ପାଇଁ ଆକାଶରୁ ଜହ୍ନକୁ ଓହ୍ଲେଇ ଆଣନ୍ତେ, ଜଙ୍ଗଲର ବାଘମାମୁଁକୁ ଡରେଇ ଦିଅନ୍ତେ, ବୁଢୀ ଅସୁରୁଣୀ ଓ ଖଣ୍ଡିଆଭୂତକୁ ଘଉଡେଇ ଦିଅନ୍ତେ । ଆଉ ସେ ଅଳି କଲେ ତା ପାଇଁ ନଈ, ପାହାଡ,ଝରଣା,ଫୁଲ ଓ ପକ୍ଷୀଙ୍କଠାରୁ ସଂଗ୍ରହ କରି ଆଣନ୍ତେ ଯେତେସବୁ ଉପାଦାନ । ଯେତେସବୁ ସ୍ୱପ୍ନିଳ ଓ ଛବିଳ ଦୁନିଆଁର କାହାଣୀମାନ । ତାର ମଙ୍ଗଳ ପାଇଁ ଓଷାବ୍ରତ କରନ୍ତେ, ମାନସିକ ରଖନ୍ତେ, ଷଠିଓଷା, ବୁଧେଇଓଷା ଆଉ ଦ୍ୱିତୀୟା ଓଷା କରନ୍ତେ । ତାକୁ ନାନାବାୟା ଗୀତ ଓ କୁହୁକ ପେଡିର ଗପ ଶୁଣାଇ ତା ଭିତରେ ସ୍ୱପ୍ନ ଓ ସମ୍ଭାବନାର ରେଣୁ ବିଂଚି ଦେଇଥାନ୍ତେ । ତାଙ୍କ ସ୍ତନର ଅମୃତ ଦେଇ ତାକୁ କେବଳ ସୁସ୍ଥସବଳ ନୁହେଁ ବରଂ ଏକ ସମୃଦ୍ଧ ସଂସ୍କୃତି, ଜାତି ଓ ବଂଶର ମୂଳପିଣ୍ଡ ସହ ପରିଚିତ କରାଇଥାନ୍ତେ । ଘରର ଠାକୁରାଣୀ ହୋଇ ତାର ସବୁ ଅଭିଷ୍ଟକୁ ପୂରଣ କରିଥାନ୍ତେ । ତାକୁ ଖୁଆଇ ସାରି ସେ ଖାଇଥାନ୍ତେ, ତାକୁ ଶୁଆଇ ଦେଲା ପରେ ସେ ଶୋଇଥାନ୍ତେ । ପ୍ରତି ବଦଳରେ ସେ ତାଠାରୁ ଦୟା କି ପ୍ରାଚୂର୍ଯ୍ୟ ନୁହେଁ ବରଂ ନିରୋଳା ଭଲପାଇବା ଟିକେ ଖୋଜିଥାନ୍ତେ । ଆଉ ତା ପାଇଁ ସବୁ ସମୟ ଦେଉ ଦେଉ ଦୀନେଶ ତାଙ୍କ ଉପରେ ଅଭିମାନ କରିଥାନ୍ତେ । ଲୁଚିଛପି ତାଙ୍କୁ ଇଶାରା ଦେଉଥାନ୍ତେ । ହେଲେ ସେ ପିଲା କଥା କହି ଆଡେଇ ଯାଉଥାନ୍ତେ । ଦୀନେଶ ଆହୁରି ମିଛିମିଛିକା ରାଗି ଯାଉଥାନ୍ତେ । ମୁହଁ ବୁଲେଇ ଶୋଇବାର ବାହାନା କରୁଥାନ୍ତେ । ଆଉ ଛୁଆ ଶୋଇ ପଡିଲା ପରେ ଯେତେ ସବୁ ଫାଜିଲାମି କାଢିଥାନ୍ତେ । ପିଲା ପାଇଁ ସେ ଦୀନେଶଙ୍କ ଉପରେ ବି ହୁକୁମତ ଦେଖେଉ ଥାନ୍ତେ । ସେତେବେଳେ ଦୀନେଶ ବି ଛୋଟ ଶିଶୁ ଭଳି ତାଙ୍କ ଆଦେଶକୁ ମାନି ଯାଉଥାନ୍ତେ । ପୁଅଟେ ହେଇଥିଲେ ଠିକ୍ ଦୀନେଶଙ୍କ ପରି ହେଇଥାନ୍ତା, ରଶ୍ମୀଙ୍କର ଦାବି ଆହୁରି ବଢି ଯାଇଥାନ୍ତା । ଆଉ ଝିଅଟିଏ ହୋଇଥିଲେ ତାଙ୍କ ପରି ହେଇଥାନ୍ତା, ଦୀନେଶ ତାଙ୍କୁ ସାବଧାନ କରାଉଥାନ୍ତେ, ତାଙ୍କୁ ଆକଟ କରୁଥାନ୍ତେ । ଏହାର ପ୍ରମାଣ ସେ ଦୁହେଁ ଦୁହିଁଙ୍କ ପ୍ରତି ଥିବା ଅଜସ୍ର ଭଲ ପାଇବା ଓ ପରସ୍ପର ପ୍ରତି ଅନୁରାଗୀ ଓ ଆଲୋଡିତ ହେବା ।

ରଶ୍ମୀ ଭାବନ୍ତି ସତରେ ତାଙ୍କ ଭଳି ସ୍ତ୍ରୀଟିଏ କେଡେ ଦୁଃଖିନୀ, କେଡେ ହତଭାଗିନୀ, ଯିଏ ଏସବୁ ସ୍ୱର୍ଗୀୟ ଆନନ୍ଦରୁ ବଂଚିତ ହୋଇ ରହିଛନ୍ତି । ସମୟ ଯେତେ ଗଡି ଚାଲିଛି, ତାଙ୍କ ଭିତରେ ସେତେ ଅଭିଳାଷ ଓ କ୍ଷୋଭର ସ୍ତୁପ ସବୁ ବଢି ଚାଲିଛି । ଏହାର କଣ କେବେ ବି ଅନ୍ତ ଘଟିବ ନାହିଁ ? ସତରେ ସେ କଣ ମାଆଟିଏ ହେଇ ପାରିବେ ନାହିଁ ?

ବାହାଘରର ଦଶ ବର୍ଷ ବିତି ଯାଇଥିଲେ ବି ରଶ୍ମୀଙ୍କ କୋଳକୁ ସନ୍ତାନଟିଏ ଆସି ପାରିନଥିଲା । ପ୍ରଥମ ଦୁଇ ତିନି ବର୍ଷ ଏକଥାକୁ ଟିକେ ହାଲକା ଭାବରେ ନେଇଥିଲେ ସ୍ୱାମୀସ୍ତ୍ରୀ । କିନ୍ତୁ ବର୍ଷର ବ୍ୟବଧାନ ବଢିବାରୁ ସେମାନଙ୍କର ଚିନ୍ତା ବି ବଢିଲା । ମନରେ ସନ୍ଦେହ ଜାତ ହେଲା । କାରଣ ଖୋଜିଲେ । ବଡ ବଡ ଡକ୍ଟରଙ୍କ ପାଖକୁ ଗଲେ । ଚିକିତ୍ସା ଚାଲିଲା । ଔଷଧ ଖିଆ ଚାଲିଲା । ତା ସହିତ ପୂଜାପାଠ, ଜ୍ୟୋତିଷ ଦେଖା, ମାନସିକ, ବ୍ରତ, ଉପାସ ଏମିତି ଅନେକ କିଛି । ଯିଏ ଯାହା କହିଲେ । କିନ୍ତୁ ସବୁ ଖାଲି ମନକୁ ବୁଝେଇବାର ଗୋଟେ ଗୋଟେ ମାଧ୍ୟମ ହେଉଥିଲା ସିନା ମନର ଅଭାବ ଓ ନିଅଂଟକୁ ମେଂଟାଇ ପାରୁ ନଥିଲା । କେବଳ ଅସରନ୍ତି ଆଶା ଓ ଅନନ୍ତ ଅପେକ୍ଷାର ମୁହୂର୍ତ୍ତସବୁ ପଛକୁ ଫେରି ଯାଉଥିଲା ।

*(କ୍ରମଶଃ)*

## କୈଶୋରୀ କବିତା





## କବିତା ଭଳି କିଛି

### ଆଶିଷ କୁମାର ସାହୁ

ଜୀବନ ଏମିତି ନିଇତି ଆଗକୁ
ବଢ଼ି ଚାଲୁଥାଏ ଗଡ଼ି ଚାଲେ ନିରନ୍ତର
ସ୍ମୃତିତକ ସବୁ ଯେତେ ପାଲଟି ଯାଆ
ଫିକା ରଙ୍ଗହୀନ ପୁଣି କେବେ ଅତି ଧୁସର ।

ଲୁହଭିଜା ଚିଠିର ତିକ୍ତ ଅନୁଭୂତି
ଗୋଲାପ ଫୁଲର କଥା ମନେପଡେ ଧୀରେ ।
ମିଠା ପ୍ରେମଟି କେମିତି ଦିନେ
ଏମିତି ଜହର ପାଲଟି ଯାଇଥିଲା ସଗଭୀରେ ।

ସମୟର ପଥ ଧାରେ ଚିହ୍ନା ମୁହଁ
କେଜାଣି କାହିଁକି ଲାଗନ୍ତି ସହସା ଅଜଣା ।
ମିଛି ମିଛିକା କୃତ୍ରିମ ଭିଡ଼ରେ
ସଭିଏଁ କାହିଁକି ମନେ ହୁଅନ୍ତି ଭାରି ଆପଣା ।

ତଥାପି ମୋ ହୃଦୟ ମହକି ଉଠିଛି
ସେଇ ନିଆରା ଅଭୁଲା ଅନୁଭବରେ ତୁମର
ଋତୁ ବଦଳେ ଯେବେ ଏଠି ପାଗ
କିଛି ଚରିତ୍ର ରହିଥାଆନ୍ତି ସାଜି ନଦୀତୁଠ ପଥର ।

ପ୍ରତିଶ୍ରୁତି ବଦଳି ଯାଇପାରେ ହେଲେ
ତୁମେ ମୋ ହୃଦୟର ସ୍ପନ୍ଦନ ହେଇ ରହିବ ।
ଧକଧକ ଶବ୍ଦ ସମୂହକୁ ତୁମ ନିରବତାର
ଅନୁଭବ କେତେ ସହଜରେ ହରାଇ ପାରିବ ।

ଆମ ଭିତରେ ଥିବା ଦୂରତା ହୃଦୟର
ଭାବନାକୁ କସ୍ମିନ କାଳେ ମାରି ପାରିବ ନାହିଁ ।
ଆଜିବି ଗୁନ୍ଥିଛି କବିତାର ଶବ୍ଦ ଅପାର
ପ୍ରିୟା ତୁମରି ଜୁଡ଼ାରେ ସଜାଇ ରଖିବା ପାଇଁ ।

ଦୁନିଆଁ ସବୁକିଛି ଭୁଲି ଯାଇପାରେ
ହେଲେ ମନେରଖିବ ସବୁକାଳ ଆମର ପ୍ରେମ ।
ସୃଷ୍ଟିର ଶେଷତମ ନିଶ୍ୱାସ ଥିଲା ଯାଏ
ଦେଖିବ ଆମ ପ୍ରେମ
କାହାଣୀଟି ହେବ ସର୍ବୋତ୍ତମ ।

କଟକ



## ତଥାପି ବସନ୍ତ ଆସିଛି

### ସୁଚରିତା ମହାନ୍ତି

ବସନ୍ତ ଆସିଛି
ଆମ୍ବ ବଉଳ ମହକି ଯାଉଛି
କୋଇଲିର କୁହୁ ତାନ
ପ୍ରୀତିର ରାଗିଣୀ ଗାଉଛି
ଫଗୁଣର ସବୁ ରଙ୍ଗ ମିଶିଗଲା ପରେ

ଆଜି ଜୀବନଟା କାହିଁ
ଭାରି ଫିକା ଲାଗୁଛି


ତଥାପି ବସନ୍ତ ଆସିଛି

ହିଡ଼ମୁଣ୍ଡେ ଚାଷୀ ଭାଇ ମରେ
ସୀମାରେ ସହିଦର ଖଣ୍ଡବିଖଣ୍ଡିତ ଶରୀର
ଗାଁ ମୁଣ୍ଡ ମଶାଣିରେ
ଜଳୁଛି ଦାଦନର ଜୁଇ

ପ୍ରେମର ପାଲିଙ୍କିରେ ରକ୍ତର ଜୁଡୁବୁଡ ନକ୍ସା
ତଥାପି ବସନ୍ତ ସଂଜରେ ସଳିତାଟି ଜାଳି
ସେ ଜଗିବସେ ସଭିଙ୍କ ମଙ୍ଗଳ ପାଇଁ
ଉଦାସିଆ ଆଖି ଯୋଡ଼ିକ
ଚାହିଁ ଥାଏ ମୁଠାକ ହାତର ଚୁଡ଼ିକୁ
ରୁଣୁଝୁଣୁ ପାଉଁଜି ହଳକ
ସତେକି ଯେମିତି ନିଃଶବ୍ଦ ପ୍ରତିବାଦରେ ମଗ୍ନ

ତଥାପି ବସନ୍ତ ଆସିଛି
ଅନୁରାଗରେ ଅଜାଡ଼ି ଦେବ
ପ୍ରୀତିର ପାର୍ବଣ ।

*ବାରିପଦା, ମୟୂରଭଞ୍ଜ*



## ମନର ଅନୁବାଦ

### ସାଗରିକା ଦାସ

ସବୁ ଛାଇ ଲାଗେ
ତୁମ ଛାଇ ପରି
ସବୁ ଶବ୍ଦ ଯେ
ତୁମ ଆସିବା ସୂଚନା ,
ସତେ ତ ! ଏଇ
ବୋଧେ ତୁମେ ଆସିଗଲ !

ଏଇତ ଲମ୍ବା ଛାଇ ପଡୁଛି
ଝରାପତ୍ର ରେ ପାଦର ଚାପ
ବର୍ଦ୍ଧିତ ମୋ ହୃଦ ସ୍ପନ୍ଦନ
ହଁ , କିଛି କିଛି ଶୁଭୁଛି
ତୁମ କଥା , ଚାପାହସ ତରଙ୍ଗ ।

ଓଃ ,ଏତେ କଣ ଯେ
ଭାବୁଛି,ତୁମେତ ଆସିଛ
ମୋ ପ୍ରତୀକ୍ଷା ମୁଦ୍ରାରେ
ଭରିବାକୁ ଅଜସ୍ର ଅର୍ଥ
କାହିଁ କେତେ ଯୁଗରୁ ଚାହିଁଛି ଯେ !

କାହିଁ ଏତେ ଡେରି କଲ
ଯୁଗ ତମାମ ଅଜଣା ନିଆଁ ରେ
ଆଉଟି ପ୍ରତୀକ୍ଷାର ଅସରନ୍ତି
ଅଗ୍ନିପରୀକ୍ଷା ଦେଉଥାଏ ମୁଁ କାହିଁ
ଭିନ୍ନ ରୂପ ଭିନ୍ନ ନାମ ନେଇ ସ୍ୱାଭିମାନେ ।

ମୋ କୁମାରୀତ୍ୱ ତୁମ ନାମେ
ବ୍ୟତିବ୍ୟସ୍ତ ଶରୀର ମନ ଡାକ
ତୁମ ସ୍ୱର ପାଇଁ ଉଚ୍ଚାଟ ମନ
ଏ ଜ୍ୱଳନ ସରନ୍ତା ଅବା ,ତୁମରି
ଦର୍ଶନ ,ସ୍ପର୍ଶ ପାଇ ଯୁଗ ଯୁଗ ।

*ନୂଆଦିଲ୍ଲୀ*



## ଲୁହ

### ଚିନ୍ମୟୀ ଦାଶ

ଜନ୍ମରୁ ଯାତନା ଦେଇଛ ହେ ନାଥ
ମନ କାନ୍ଦୁଛି ଗୁମୁରି,
ହୃଦୟରେ କୋହ ସୀମା ଲଂଘୁଅଛି
ଆଖି ଲୁହେ ଯାଏ ଭରି ।

କେଉଁ ଜନମର କର୍ମଫଳ ଇଏ
ଏ କେଉଁ ପ୍ରାରବ୍ଧ ମୋର,
ଯାହା ପାଇଁ ଆଜି ଯାତନା ସହୁଛି
ସଭିଏଁ ମୋର ନିଜର ।

ସମୟ ସୁଅରେ ଏ ଦେହ ପତ୍ରଟେ
ଭାସି ଯାଉଅଛି ଦୂରେ,
ଲୁହକୁ କରିଛି ଏକାନ୍ତ ନିଜର
ଆଖିକୋଣେ ନୀତି ଝରେ ।

ତୁମ ଦାନ ଭାବି ସହିଯାଉଛି ମୁଁ
ଅଭିଯୋଗ କରିନାହିଁ,
ଅନୁରୋଧ ମୋର ହେ କଳାଠାକୁର
ଧୈର୍ଯ୍ୟ ବନ୍ଧ ଭାଙ୍ଗନାହିଁ ।

ତୁଚ୍ଛ ନର ମୁହିଁ ସହିକି ପାରିବି
ମେରୁ ମଥାରେ ପଡିଲେ,
ତୁମର ଆଶିଷ ସଂଗେ ରହିଥିଲେ
ବିପଦ ଟଳିବ ଦରେ ।

ଆଖିର ଲୁହକୁ ମନର କୋହକୁ
ତୁମେ ବୁଝ ଭାବଗ୍ରାହୀ,
କାହା ଆଗେ ଆଉ ଜଣାଇବି ଦୁଃଖ
ତୁମେ ଏକା ସାହା ସାଇଁ ।

*ବାଣୀ କ୍ଷେତ୍ର, ଜଗତସିଂହପୁର*
*ଦୂରଭାଷ : ୭୬୮୪୮୬୫୮୮୨*

## ଈଶ୍ୱରଙ୍କୁ ଠକନାହିଁ

### ପ୍ରତିମା ବିଶ୍ୱାଳ




ହେ ବିଶ୍ୱ ନିୟନ୍ତା ପରମେଶ୍ୱର, ଆମକୁ ସେଇ ସଦବୁଦ୍ଧି ପ୍ରଦାନ କର- ଯେଉଁ ବୁଦ୍ଧି ଦ୍ୱାରା ଆମେ କେବଳ ନିଜର ମଙ୍ଗଳ ସହିତ ଜଗତର ମଙ୍ଗଳ କଥା ଚିନ୍ତା କରୁ । ସେଇ ଅସୀମତା ପ୍ରଦାନ କର ପ୍ରତିଦିନ ନିଜର କର୍ମ ଧାରା କୁ ସମୀକ୍ଷା କରି ନିଜର ତ୍ରୁଟି ଗୁଡିକ ସୁଧାରି ପାରୁ । ଅନେକ ସମୟରେ ଦେଖାଯାଏ ନିଜର ଭୁଲ ଗୁଡିକ ନଜାଣି ପାରି ଅନ୍ୟର ଦୋଷ ତ୍ରୁଟି କୁ ନେଇ ଆକ୍ଷେପ କରୁ । ଟିକିଏ ସମୟ ମିଳିଲେ ପରଚର୍ଚ୍ଚା, ପରନିନ୍ଦା କରି ଢେର୍ ଆନନ୍ଦ ପାଉ । ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ନିଜେ ସୁଖରେ ବଞ୍ଚିବା ପାଇଁ ଅନ୍ୟର ଗଳା କାଟିବାକୁ ପଶ୍ଚାତାପ କରୁନା । ଜଣେ ଦୋକାନୀ ବନ୍ଧୁ ସକାଳ ହେଲେ ତାଙ୍କ ବାର ବର୍ଷର ପୁଅକୁ ଡାକି ପ୍ରତିଦିନ ତାଗିଦ୍ କରି କୁହନ୍ତି- ତୋ ନିତିଦିନର କର୍ମ ହେଲା ଚାଉଳ,ଡାଲି, ଜିରା, ଆହୁରି ଅନେକ ଦ୍ରବ୍ୟରେ ତିନିରୁ ଚାରି କିଲୋ ଗୋଡି ମିଶେଇ ସାରି ସ୍କୁଲକୁ ଯିବୁ । ସେଇ ଗୋଡ଼ି ମିଶାଇବା ଅର୍ଥରେ ତୋ ବୋଉର ମୋର ଔଷଧ ଖର୍ଚ୍ଚ ଉଠି ଯାଉଛି । ନହେଲେ ଆଜି କାଲିର ଯେଉଁ ବେପାରନା ସେଥିରେ ବଞ୍ଚିବା ବହୁତ କଷ୍ଟ କର ହୋଇ ପଡନ୍ତା । ପୁଅଟି ବଡ଼ ହେଲାପରେ ବୁଝେଇ ଦେଲା ବାପାଙ୍କୁ- ବାପା ତୁମେ ଯେଉଁ ଔଷଧ କିଣୁନ, ସେ ବି ଭେଜାଲ । - ମାନେ ତମେ ଯେମିତି ନିଜର ଔଷଧ ଖର୍ଚ୍ଚ ଉଠେଇବା ପାଇଁ ଖାଇବା ଜିନିଷରେ ଗୋଡି ମିଶେଇ ଲୋକଙ୍କର ଦେହ ଖରାପ କଥା ଚିନ୍ତା କରୁନାହିଁ; ସେମିତି ଅନେକ ଔଷଧ କମ୍ପାନୀ ନିଜେ ବିତ୍ତ ଶାଳୀ ହେବାକୁ ଯାଇ, ଲୋକଙ୍କ ଜୀବନ ବଞ୍ଚାଇବା ପରିବର୍ତ୍ତେ ବିଷାକ୍ତ ଔଷଧ ତିଆରି କରି ମଣିଷର ମୂଲ୍ୟବାନ୍ ଜୀବନକୁ ମୃତ୍ୟୁ ମୁଖକୁ ଠେଲି ଦେଉଛନ୍ତି । ଆମେ ଯେପର୍ଯ୍ୟନ୍ତ ନିଜେ ନବଦଳିଛୁ । ନିଜର ପଶୁ ଚେତନାକୁ ନବଦେଳେଇଛୁ, ଦେଶ ବଦଳିବା କଥା ଚିନ୍ତା କରିବା ବୃଥା । ନିଜେ ଅନ୍ୟକୁ ଠକି, ଅନ୍ୟ ଠାରୁ ଉତ୍ତମ ଜିନିଷ ପାଇବାକୁ କିପରି ଆଶା କରିବା ? ବିପଦ ଆସିଲେ ଆମେ ସମସ୍ତେ ଆକୁଳ ଭାବରେ ଈଶ୍ୱରଙ୍କୁ ନିବେଦନ କରିଥାଉ । ସେଇ ନିବେଦନରେ କେତେ କ'ଣ ଚିଜ ଈଶ୍ୱରଙ୍କୁ ମାନସିକ କରି ପକାଉ । ବିପଦ ମୁକ୍ତ ହେଲାପରେ ଅନେକ ପାଶୋରି ପକାନ୍ତି ମାନସିକ କରିଥିବା ଚିଜ ଗୁଡ଼ିକୁ । ସତରେ କ'ଣ ଆମ୍ଭମାନଙ୍କର ସେ ବିଶ୍ୱ ନିୟନ୍ତା ଙ୍କୁ କିଛି ଦେଇ ପାରିବାର ସାମର୍ଥ୍ୟ ଅଛି । ଏ ସୁନ୍ଦର ସୃଷ୍ଟି,ବନ,ତରୁ,ଲତା, ନଦୀ, ଝରଣା, ସାଗର ସବୁତ ତାଙ୍କରି ସର୍ଜନା । ଆମେ କ୍ୱେଳ ଯାହା -ତାଙ୍କ ହାତ ଗଢା ଅମୃତମୟ ସନ୍ତାନଗଣ ଅଟୁ । ଆମର ଯାବତୀୟ ଲୋଡା ଅଲୋଡ଼ା ଚିଜ ଯେତେ ମାଗି ଚାଲୁ ଜୀବନ ତମାମ ତାଙ୍କ ସହିତ ସର୍ତ୍ତ ରଖି । ଆମପାଇଁ ଯାହା ମଙ୍ଗଳକର ସେ ତାହାହିଁ ବାଛି ଦିଅନ୍ତି ଯାହା ଆମ ମୁଢଚିତ୍ତ ସେହି କ୍ଷଣି ବୁଝି ପାରେନାହିଁ । ସଂସାର ବନ୍ଧନରେ ବାନ୍ଧି ହୋଇ ସବୁ ମୋର ମୋର କହି ନିଜକୁ ଠକି ଚାଲୁଥାଉ ପ୍ରତି ମୁହୂର୍ତ୍ତରେ ଓ ଈଶ୍ୱରଙ୍କୁ ମଧ ଠକି ଚାଲିଥାଉ ନୁହେଁ କି ? ଏଇଠି ଗୋଟିଏ କଥା ପଢ଼ିଥିଲି ମନେ ପଡ଼ିଯାଏ ।ହାଇଦ୍ରାବାଦରେ ଅବସ୍ଥାପିତ ଜଣେ ଖ୍ୟାତନାମା ବ୍ୟବସାୟୀଙ୍କର ଓଜନେ ହେବ ଜଳଜାହାଜ ଥିଲା । ସେ ଗ୍ରୀସ୍, ଇଟାଲୀ, ବ୍ରାଜିଲ, ଆଫ୍ରିକା ପରି ଦୂରଦୂରାନ୍ତର ଦେଶମାନଙ୍କୁ ଜାହାଜରେ ପଣ୍ୟଦ୍ରବ୍ୟ ନେଇ ବ୍ୟବସାୟ କରୁଥା'ନ୍ତି । ଥରେ ସେ ନିଜେ ଜାହାଜରେ ଅନେକ ମୂଲ୍ୟବାନ୍ ଦ୍ରବ୍ୟ ନେଇ ସୁଦୂର ଇଟାଲୀ ଦେଶକୁ ଯାତ୍ରା କରୁଥିଲେ । ହଠାତ୍ ସମୁଦ୍ର ମଝିରେ ଝଡ଼ବାତ୍ୟାର ତାଣ୍ଡବଲୀଳା ତ ଆରମ୍ଭ ହୋଇଗଲା । ଭୀଷଣ ଝଡ଼ ଯୋଗୁଁ ଜାହାଜଟି ଟଳମଳ ହେଲା ଏବଂ ଯାନ୍ତ୍ରିକ ତ୍ରୁଟି ମଧ ଦେଖାଦେଲା । ସାଧବ ଅନ୍ୟ ଉପାୟ ନପାଇ ବିକଳ ହୋଇ ଇଷ୍ଟଦେବଙ୍କୁ ଧ୍ୟାନ କଲେ ଓ ବିକଳ ପ୍ରାର୍ଥନା କରି ଜଣାଇଲେ ଯେ ସେ ଯଦି ନିରାପଦରେ ହାଇଦ୍ରାବାଦକୁ ଫେରିଆସନ୍ତି ତେବେ ସେଠାରେ ଥିବା ତାଙ୍କର ସବୁଠୁ ସୁରମ୍ୟ ବିଶାଳ ଅଟ୍ଟାଳିକାଟି ବିକ୍ରୟ କରି ବିକ୍ରୟଲବ୍ଧ ସମସ୍ତ ଟଙ୍କା ଇଷ୍ଟଦେବଙ୍କ ମନ୍ଦିରକୁ ଦାନ କରି ଦେବେ । ବାତ୍ୟା ବିଭୀଷିକା ସ୍ତିମିତ ହେଲା ଓ ସୌଦାଗର ସଫଳତାର ସହ ବ୍ୟବସାୟଟି ପୂରାକରି ନିରାପଦରେ ଘରକୁ ଫେରି ଆସିଲେ ଅଟ୍ଟାଳିକାଟି ବିକ୍ରୟ କରିଦେବା ଲାଗି ବିଜ୍ଞାପନ ଦେଲେ । ଏତେ ବଡ଼ ବିରାଟ ସୁରମ୍ୟ ଅଟ୍ଟାଳିକାର ମୂଲ୍ୟ ହେଉଛି ପାଞ୍ଚ କୋଟି ଟଙ୍କା । ସୌଦାଗର ଭାବିଲେ, ଏତେଗୁଡ଼ାଏ ଟଙ୍କା ମନ୍ଦିରକୁ ଦେଇଦେବା ଠିକ୍ ହେବ ନାହିଁ । ଲୋଭ ଘାରିଲା । ତେଣୁ ବିଜ୍ଞାପନରେ ଲେଖାଗଲା ଯେ ଅଟ୍ଟାଳିକାର ବିକ୍ରୟ ମୂଲ୍ୟ ମାତ୍ର ଏକ ହଜାର ଟଙ୍କା । କିନ୍ତୁ କ୍ରୟ କରିବା ବ୍ୟକ୍ତି ସେଥିରେ ବହୁଦିନରୁ ବସବାସ କରୁଥିବା ବିଦେଶୀ କୁକୁରଟିକୁ ମଧ କିଣିବାକୁ ବାଧ ହେବେ । ଏହା ହେଲା ଏହି ବିପଣି ବା କାରବାରର ଅକାଟ୍ୟ ସର୍ତ୍ତ । ତେବେ କୁକୁରଟିର ମୂଲ୍ୟ ହେଲା ପାଞ୍ଚ କୋଟି ଟଙ୍କା । ଆଗ୍ରହୀ ଗରାଖ ଜଣେ କୁକୁର ସହ ଅଟ୍ଟାଳିକାଟି କିଣିଲେ । ସୌଦାଗର ଏକ ହଜାର ଟଙ୍କା ମନ୍ଦିର ପାଣ୍ଠିକୁ ଦାନ କରି ପାଞ୍ଚ କୋଟି ଟଙ୍କା ନିଜ ବ୍ୟବସାୟରେ ଖଟାଇଲେ । ମଣିଷ ଏହିପରି ଭଗବାନଙ୍କୁ ମଧ ଠକି ଦେଇପାରେ ! ସତରେ ଭଗବାନଙ୍କୁ କ'ଣ ଠକି ହୁଏ ? ଦିବ୍ୟ ଜନନୀ ଶ୍ରୀମା କହିଛନ୍ତି ଯେ ଅନ୍ୟକୁ କିମ୍ବା ସମାଜକୁ ଠକିବା ଜମାରୁ ଠିକ୍ ନୁହେଁ । ଦେଶର ଉନ୍ନତିମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ଯୋଜନାରେ ସଫଳ ରୂପାୟନ ପାଇଁ ଜନସାଧାରଣଙ୍କଠାରୁ ବିଭିନ୍ନ ଉପାୟରେ କର ଆଦାୟ କରାଯାଇଥାଏ । ସେହି ଅର୍ଥ ଜନସାଧାରଣ ବା ହିତାଧିକାରୀ ମାନଙ୍କ ନିକଟରେ ପହଂଚି ପାରେନାହିଁ ? ବାଟ ମାରଣା ହୁଏ । ଏଥିରେ ସଂପୃକ୍ତ ବ୍ୟକ୍ତିଗଣଙ୍କୁ ନିଷ୍ଠା ଯୁକ୍ତ ନୁହନ୍ତି ବୋଲି କୁହାଯିବ । ଆମ୍ଭମାନଙ୍କୁ ଗୋଟିଏ କଥା ସଦା ସର୍ବଦା ମନେ ରଖିବାକୁ ହେବ ଯେ ଆମର ଯାବତୀୟ କର୍ମକୁ ଈଶ୍ୱର ଦେଖୁଛନ୍ତି ।



*ଜଗତସିଂହପୁର*
*ଦୂରଭାଷ ୯୭୭୬୨୯୦୦୮୪*

# ସ୍ୱର୍ଗତ ପ୍ରମୋଦ ସାହୁଙ୍କୁ ଅନ୍ତିମ ବିଦାୟ

**ଭୁବନେଶ୍ୱର :** ସାଉଦି ଆରବରେ ହୃଦ୍‌ରୋଗ ଆକ୍ରମଣରେ ଦୁର୍ଭାଗ୍ୟବଶତଃ ପରଲୋକଗମନ କରିଥିବା ୪୬ ବର୍ଷୀୟ ପ୍ରବାସୀ ଓଡ଼ିଆ ସ୍ୱର୍ଗତ ପ୍ରମୋଦ ସାହୁଙ୍କ ପାର୍ଥିବ ଶରୀର କେତେକ ଦିନର ଜଟିଳ ଓ ଭାବବିହ୍ୱଳ ଅପେକ୍ଷା ପରେ ଓଡ଼ିଶାକୁ ଫେରାଇ ଆଣାଯାଇଥିଲା। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ପାର୍ଥିବ ଶରୀର ପହଞ୍ଚିବା ସମୟରେ ପରିବାରର ଆଖିରୁ ଅଶ୍ରୁଧାରା, ସମଗ୍ର ପରିବେଶ ଦୁଃଖ ଓ ବେଦନାରେ ଭରି ହୋଇଯାଇଥିଲା। ଇଣ୍ଟରନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନ (ଆଇଓଏଫ୍) ଭାରତୀୟ ଦୂତାବାସ, ସଂସ୍ଥାର ଏଚ୍‌ଆର ବିଭାଗ, ସ୍ଥାନୀୟ ସାଂସଦ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଶୁଭେଚ୍ଛୁବୃନ୍ଦଙ୍କ ସହଯୋଗରେ ଅନବରତ ପ୍ରୟାସ କରିଥିଲେ। ଆର୍ଥିକ ବାଧାବିଘ୍ନକୁ ଅଟକାଇ ଶେଷରେ ସ୍ୱର୍ଗତ ପ୍ରମୋଦ ସାହୁଙ୍କୁ ସମ୍ମାନସହିତ ତାଙ୍କ ଜନ୍ମଭୂମିକୁ ଫେରାଇ ଆଣାଯାଇଥିଲା। ଆଇଓଏଫ୍‌ର ସମର୍ପିତ ସଦସ୍ୟମାନେ ରବି ଶଙ୍କର ଶର୍ମା, ବିଶ୍ୱ ରଞ୍ଜନ ସାହୁ, ପ୍ରତାପ କୁମାର ନାୟକ ଓ ଟୁନା ସାହୁ ଏହି ଦୁର୍ଦ୍ଦଶାର ସମୟରେ ଶୋକାକୁଳ ପରିବାର ପାଖରେ ଅତୁଟ ଭାବରେ ଜଗତ ର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ କେବଳ ସହାୟତା ଦେଇନଥିଲେ, ବରଂ ଅସହାୟତାର ଅନ୍ଧକାର ମୁହୂର୍ତ୍ତରେ ଆଶା ଓ ମର୍ଯ୍ୟାଦାର ଆଲୋକ ଜ୍ୱାଳାଇଥିଲେ। ପରିବାରର ଜଣେ ସଦସ୍ୟ ଭାବବିହ୍ୱଳ ହୋଇ କହିଥିଲେ ଯେ, "ଆମେ ସମ୍ପୂର୍ଣ୍ଣ ଭାବେ ଅସହାୟ ହୋଇ ପଡ଼ିଥିଲୁ, ମାତ୍ର, ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତାଙ୍କୁ ଘରକୁ ଫେରାଇ ଆଣିବାରେ ସମ୍ଭବ ହେଲା। ଇଣ୍ଟରନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନ, ଭାରତୀୟ ଦୂତାବାସ, ସ୍ଥାନୀୟ ସାଂସଦିୟ କାର୍ଯ୍ୟାଳୟ, କମ୍ପାନୀର ଏଚ୍‌ଆର ଓ ସମସ୍ତ ସୁମନବ୍ୟକ୍ତିଙ୍କ ପ୍ରତି ଆମେ ଚିରକୃତଜ୍ଞ ରହିବୁ।" ଫାଉଣ୍ଡେସନର ପ୍ରତିନିଧିମାନେ କହିଥିଲେ ଯେ, "ଆଇନି ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଓ ମାନସିକ ଭାବେ କ୍ଳାନ୍ତିକର ଥିଲା। କିନ୍ତୁ ଶେଷରେ ମାନବିକତାର ଜୟ ହୋଇଛି। ଏହି ପରିବାର ପାଖରେ ଆମର ଏକ ଛୋଟିଆ ମାନବ ସେବା ହୋଇ ରହିବା କେବଳ ଆମର କର୍ତ୍ତବ୍ୟ ନୁହେଁ ଏହା ଆମର ପ୍ରବାସୀ ଓଡ଼ିଆ ଭାଇଙ୍କ ନୈତିକ ଦାୟିତ୍ୱ ମଧ୍ୟ ଥିଲା।" ସ୍ୱର୍ଗତ ପ୍ରମୋଦ ସାହୁଙ୍କ ଶେଷ କ୍ରିୟା କଟକ ଜିଲ୍ଲାର



କିଶୋରନଗର ବ୍ଲକ ଅଧୀନ ସାଲିପୁର ଅଞ୍ଚଳର କୁଳସାମିତଙ୍ଗା ଗ୍ରାମରେ ପରିବାରବର୍ଗ, ଗ୍ରାମବାସୀ ଓ ସୁହୃଦମାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଅଶ୍ରୁଭିଜା ନୟନରେ ସମସ୍ତେ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ। ସେ ତାଙ୍କ ପତ୍ନୀ ଓ ଅସହାୟ କନ୍ୟାଙ୍କୁ ଛାଡ଼ି ଯାଇଛନ୍ତି। ସ୍ୱର୍ଗତ ପ୍ରମୋଦ ସାହୁ, ସେହି ହଜାର ହଜାର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ଜଣେ, ଯେଉଁ ମାନେ ନିଜ ପରିବାରର ସ୍ୱପ୍ନ ପୂରଣ ପାଇଁ ଦେଶଛାଡ଼ି ଜନ୍ମଭୂମି ରୁ ସୁଦୂର କର୍ମଭୂମିକୁ ନିଜର ବୃତ୍ତି କରନ୍ତି। ତାଙ୍କ ତ୍ୟାଗ ନିରବତାରେ ମିଶିଯିବା ଉଚିତ୍ ନୁହେଁ। ତାଙ୍କ କନ୍ୟାଙ୍କ ଶିକ୍ଷା ଓ ସଫଳତା ହେବ ତାଙ୍କ ଅପୂର୍ଣ୍ଣ ସ୍ୱପ୍ନର ସତ୍ୟ ସ୍ମୃତିଞ୍ଜଳି। ୨୦୨୦ ମସିହାରୁ, ଇଣ୍ଟରନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନ, ୨୦ରୁ ଅଧିକ ଦେଶରେ ପ୍ରବାସୀ ଓଡ଼ିଆଙ୍କ ସେବାରେ ନିସ୍ୱାର୍ଥ ପୂର୍ଣ୍ଣ ଭାବରେ ମାନବିକତା ସେବା ରେ ଉତ୍ସର୍ଗ ଓ ଏକ ସେବକ ରୂପେ ନିୟୁକ୍ତ ଅଛନ୍ତି। ଆମ ପାଇଁ "ମାନବ ସେବା ହେଉଛି ମାଧବ ସେବା" ଶୋକାକୁଳ ପରିବାର ପାଖରେ, ଆମେ ସେବକ ହୋଇ ରହିବା କେବଳ ଦାୟିତ୍ୱ ନୁହେଁ ଏହା ଆମର ନୈତିକ ଓ ଭାବନାମୂଳକ ପ୍ରତିବଦ୍ଧତା। ଏହି ଦୁଃଖର ମୁହୂର୍ତ୍ତରେ ଆମେ ପ୍ରାର୍ଥନା, ସହାନୁଭୂତି ଓ ମାନବିକତାରେ ଏକତ୍ରିତ ହୋଇ ସେବା ହିଁ ମୂଳ ଲକ୍ଷ। ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପବିତ୍ର ଆତ୍ମାକୁ ସର୍ବଦା ଶାନ୍ତି ଦିଅନ୍ତୁ।

# ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପାନୀୟ ଜଳକୁ ପ୍ରାଥମିକତା ଦେବା : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପାନୀୟ ଜଳ ଏବଂ ରୋଜଗାରକୁ ଆମକୁ ପ୍ରାଥମିକତା ଦେବାକୁ ହେବ। ଏହା କେବଳ ସରକାରୀ ଯୋଜନା ନୁହେଁ, ବରଂ ଏକ ସାମାଜିକ ଜନଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶକ୍ରବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷ୍ୟାଳୟରେ ଆୟୋଜିତ "ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ"ରେ ଯୋଗଦେଇ 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହାୟତା' ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି ଶ୍ରୀ ପ୍ରଧାନ। ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆଶା ଭଉଣୀ ଓ ସମିତିର ସଭ୍ୟମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି ଶୁଣିବା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରର ବିକାଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଆମର 'ଆଶା' ଭଉଣୀ ଓ 'ଗାଁ କଲ୍ୟାଣ ସମିତି'ର ସଦସ୍ୟମାନେ ହେଉଛନ୍ତି ପ୍ରକୃତ ସୈନିକ। ସେ ଆଶା କର୍ମୀମାନଙ୍କୁ ସମାଜର 'ରାଣୀ ଝାନ୍ସି' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ ଗର୍ଭବତୀ ମା'କୁ ସାହାଯ୍ୟ ଦରକାର ହୁଏ କିମ୍ବା ଶିଶୁର ଟୀକାକରଣର ସମୟ ଆସେ, ସେତେବେଳେ ପ୍ରଥମେ ଆଶା ଭଉଣୀଙ୍କ କଥା ମନକୁ ଆସେ। ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ଆଶା କର୍ମୀଙ୍କ ଅବଦାନ ଅତୁଳନୀୟ। ସମ୍ବଲପୁର ଜିଲ୍ଲାର ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ଓ ୩ ଲକ୍ଷ ପରିବାର ପାଇଁ ମାସିକ



ଘରକୁ ଘର ବୁଲି ସେବା ଯୋଗାଉଥିବା ପାଖାପାଖି ୧୦୭୮ ଜଣ ଆଶା ଦିଦିଙ୍କ ନିଷ୍ଠା ପ୍ରଶଂସନୀୟ। ଆମର ଆଶା ଦିଦିମାନଙ୍କ କାର୍ଯ୍ୟ କେତେ ପ୍ରଭାବଶାଳୀ, ତାହାର ବଡ଼ ପ୍ରମାଣ ହେଉଛନ୍ତି ବାଲେଶ୍ୱର ନୀଳଗିରିର ଯମୁନା ମଣି ସିଂହ। ୨୦୧୫ ମସିହାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କର ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି 'ବଣମଲ୍ଲୀ' ଆଜି ସମଗ୍ର ଓଡ଼ିଶାର ଆଶା କର୍ମୀଙ୍କ ସମ୍ମାନକୁ ଜାତୀୟ ସ୍ତରରେ ପହଞ୍ଚାଇ ପାରିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଶକ୍ତି ହେଉଛି ଗାଁ କଲ୍ୟାଣ ସମିତି। ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏହି ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆପଣମାନେ ହିଁ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସୁଦୃଢ଼ ସେତୁ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମକୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଢ଼ିବାକୁ ହେବ। ଏଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଏବଂ ପାନୀୟ ଜଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ରୋଜଗାରକୁ ପ୍ରାଧାନ୍ୟ ଦେବା ଜରୁରୀ। ସମ୍ବଲପୁରର ସ୍ୱଚ୍ଛତା ଓ ଜୀବନଶୈଳୀକୁ ବଦଳାଇବା ପାଇଁ ଆମେ ଏହାକୁ ଏକ 'ଜନଆନ୍ଦୋଳନ' କରିବା ପାଇଁ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପର୍ବପର୍ବାଣୀ ...

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ସ୍ଥାପନ ,ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିଶାସକ୍ତ ଗାଡିଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଡି.ଜେ. ଶବ୍ଦ ପ୍ରଦୁଷଣ ଉପରେ କଟକଣା, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜିପି (ପର୍ସୋନେଲ) ଏସ. ପ୍ରବୀଣ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜି/ ଡିଆଇଜି ଏବଂ ଜିଲ୍ଲାର ସମସ୍ତ ଏସପି ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରାଇମ୍‌ବ୍ରାଞ୍ଚର ...

ଦଳୀୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପାଣ୍ଡିଆନଙ୍କ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମରେ ଜନସମାଗମ ପାଇଁ ସରକାରୀ ଓ ସ୍କୁଲ ବସଗୁଡ଼ିକୁ ବେଆଇନ ଭାବେ ବ୍ୟବହାର କରାଯାଉଥିଲା। ଏପରିକି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାରେ ଫେଲ କରିଦେବା କିମ୍ବା ସେମିଷ୍ଟାର ରୋକିଦେବା ଭଳି ଧମକ ଦେଇ ସଭାରେ ଉପସ୍ଥିତ ରହିବାକୁ ବାଧ୍ୟ କରାଯାଉଥିବା ନେଇ ଫଟୋ ଓ ଖବରକାଗଜ କ୍ଲିପିଂକୁ ସେ ପ୍ରମାଣ ଭାବେ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇଟାଲୀ ଗସ୍ତ ସମୟରେ ପାଣ୍ଡିଆନଙ୍କ ସହ ଶ୍ରଦ୍ଧା ନାମକ ଜଣେ ମହିଳାଙ୍କ ଉପସ୍ଥିତ ରହିବା ଓ ସେଥିପାଇଁ ହୋଇଥିବା ୮୫ ଲକ୍ଷ ଟଙ୍କାର ଖର୍ଚ୍ଚକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି । ଶ୍ରୀ ପାଣ୍ଡିଆନ ନିଜ ପ୍ରଭାବ ଖଟାଇ ରାଜ୍ୟ ବାହାରେ ଏବଂ ବିଦେଶରେ ବିପୁଳ ପରିମାଣର କଳାଧନ ଠୁଳ କରିବା ସହ ବିଭିନ୍ନ ହୋଟେଲ ଓ ବ୍ୟବସାୟରେ ନିବେଶ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ସମସ୍ତ ବେଆଇନ କାର୍ଯ୍ୟକଳାପର ନିରପେକ୍ଷ ତଦନ୍ତ କରି ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି।

### ଜିଡିପି ଅଭିବୃଦ୍ଧି ...

ବୃତ୍ତିଗତ ସେବା କ୍ଷେତ୍ରର ଅଭିବୃଦ୍ଧି ସାମାନ୍ୟ ବଢ଼ି ୧୧.୨ ପ୍ରତିଶତ ହୋଇଛି। ସାର୍ବଜନୀନ ପ୍ରଶାସନ, ପ୍ରତିରକ୍ଷା ଓ ଅନ୍ୟାନ୍ୟ ସେବା କ୍ଷେତ୍ରର ଅଭିବୃଦ୍ଧି ୪.୫ ପ୍ରତିଶତ ହୋଇଛି। ଏହା ପୂର୍ବରୁ ୨୦୧୧-୧୨କୁ ଆଧାର ବର୍ଷ ଭାବେ ବିଚାରକୁ ନେଇ ଜିଡିପି ହିସାବ କରାଯାଉଥିଲା। ମାତ୍ର ଅର୍ଥନୀତିର ଅଧିକ ସ୍ୱଷ୍ଟ ଚିତ୍ର ପାଇବା ଲାଗି ସରକାର ୨୦୨୨-୨୩କୁ ନୂଆ ଆଧାର ବର୍ଷ ଭାବେ ଗ୍ରହଣ କରିଥିଲେ। ନୂତନ ହିସାବ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷସାରାର ଜିଡିପି ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ। ୨୦୨୩-୨୪ ଓ ୨୦୨୪-୨୫ରେ ଅଭିବୃଦ୍ଧି ହାର ଯଥାକ୍ରମେ ୭.୨ ପ୍ରତିଶତ ଓ ୭.୧ ପ୍ରତିଶତ ରହିଥିଲା। ନୂଆ ତଥ୍ୟ ଅନୁସାରେ ମୁଣ୍ଡପିଛା ଜିଡିପି ୨,୧୨,୯୭୯ ଟଙ୍କା, ମୁଣ୍ଡପିଛା ମୋଟ୍ ଜାତୀୟ ଆୟ ୨,୧୦,୦୨ ଟଙ୍କା ଓ ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୧,୮୧,୧୭୨ ଟଙ୍କା ଆକଳନ କରାଯାଇଛି। ମୁଣ୍ଡପିଛା ଆୟରେ ୬.୬ ପ୍ରତିଶତର ବୃଦ୍ଧି ଘଟିଛି। ଦେଶ ସ୍ୱାଧୀନ ହେବା ପରଠାରୁ ଜିଡିପି ହିସାବ ପାଇଁ ଗ୍ରହଣ କରାଯାଉଥିବା ଆଧାର ବର୍ଷକୁ ଆଠ ଥର ପରିବର୍ତ୍ତନ କରାଯାଇଛି। ପୂର୍ବରୁ ୧୯୬୭, ୧୯୭୮, ୧୯୮୮, ୧୯୯୯, ୨୦୦୬, ୨୦୧୦, ୨୦୧୫ରେ ଏହି ପରବର୍ତ୍ତନ ହୋଇଥିଲା।

### ରାଜଧାନୀବାସୀଙ୍କ ...

ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ସରକାରୀ ଅନୁଦାନରୁ ୭୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି। ଏହି ମୋଟ୍ ବଜେଟରୁ ପ୍ରଶାସନିକ ଖର୍ଚ୍ଚ, ଦରମା, ପେନସନ ବାବଦରେ ୮୦୪ .୮୮ କୋଟି ଟଙ୍କା ଏବଂ ପରିମଳ, ସଫେଇ ଓ ବାୟୋ ମାଇନିଂ ପାଇଁ ୨୦୬.୬୧କୋଟି ଟଙ୍କା, ଭିତ୍ତିଭୂମି ବିକାଶ ପାଇଁ ୧୯୧କୋଟି ଟଙ୍କା ଖର୍ଚ୍ଚ ହେବ। ଯେଉଁଠି ବଜେଟର ୭୬ପ୍ରତିଶତ ଅର୍ଥ କେବଳ ଦରମା,ପେନସନ ଓ ପ୍ରଶାସନିକ ଖର୍ଚ୍ଚରେ ବ୍ୟୟ ହେବ ସେଠାରେ ସହରର ରାସ୍ତାଘାଟ, ଡ୍ରେନେଜ୍ ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ କିଭଳି ସମ୍ଭବପର ହେବ ବୋଲି ପ୍ରଶ୍ନ ଉଠିଛି। ବର୍ଷବର୍ଷ ଧରି ସାମାନ୍ୟ ବର୍ଷାରେ ସହର ବୁଡୁଥିବାବେଳେ, ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଓ ରୂପରେଖ ପ୍ରସ୍ତୁତ ବଦଳରେ କେବଳ କୋଟି କୋଟି ଟଙ୍କାର ହିସାବ ଦେଖାଇ ସହରବାସୀଙ୍କୁ ଭୁଆଁ ବୁଲାଉଥିବା ଚର୍ଚ୍ଚା ହେଉଛି।

### ୪୩ ୱାର୍ଡରେ ...

ସେହି ସମସ୍ୟାର ସମାଧାନ ପାଇଁ ସିଡିଏ ଏକ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିଛି। ନୂଆ ନିୟମ ଅନୁଯାୟୀ ଛୋଟ ଆବାସିକ ପ୍ଲଟ୍ ପାଇଁ ସର୍ବନିମ୍ନ ରାସ୍ତାର ପ୍ରଶସ୍ତତାକୁ ୪.୫ ମିଟର ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହାବ୍ୟତୀତ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ସେଟବ୍ୟାକ୍ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ସହରର ଜନସଂଖ୍ୟା ବହୁଳତାକୁ ଦୃଷ୍ଟିରେ ରଖି ଫ୍ଲୋର ଏରିଆ ରେସିଓ ମଧ୍ୟ ପୁନଃ ନିର୍ଦ୍ଧାରଣ କରାଯାଇଛି, ଯାହାଫଳରେ କମ୍ ଜାଗାରେ ଲୋକେ ନିୟମାନୁସାରେ ଅଧିକ ନିର୍ମାଣ କରିପାରିବେ। କଟକର ଗଳିକନ୍ଦି ଖୁବ ସଂକୀର୍ଣ୍ଣ ହୋଇଥିବାରୁ ୨୦୨୦ ନିୟମର କଠୋରତାକୁ ଲାଗୁ କଲେ ପ୍ରାୟ ୯୦% ଲୋକ ନିଜ ଛୋଟ ପ୍ଲଟରେ ଘର ନିର୍ମାଣ ପାଇଁ ନକ୍ସା ଅନୁମୋଦନ ପାଇପାରିବେ ନାହିଁ ବୋଲି ପ୍ରଶାସନ ଅନୁଭବ କରିବା ପରେ ଏଭଳି ପଦକ୍ଷେପ ନେଇଛି। ପୁରୁଣା କଟକ ସହରରେ ଅନେକ ଘର ପୂର୍ବରୁ ନିର୍ମିତ ହୋଇସାରିଛି। ସେଗୁଡ଼ିକୁ ୨୦୨୦ର କଠୋର ନିୟମ ଅଧୀନରେ ଆଣିବା ସମ୍ଭବ ନଥିଲା। ଏହି ନୂଆ ନିୟମାବଳୀ ସେହିସବୁ ପୁରୁଣା ସମ୍ପତ୍ତିର ନିୟମିତକରଣ ପାଇଁ ମାର୍ଗ ପ୍ରଶସ୍ତ କରିଛି। ହଜାରେ ବର୍ଷର ସହର କଟକର ପାରମ୍ପରିକ ଓ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ସହିତ ଆଧୁନିକ ସହରୀ ସୁବିଧା ଯୋଗାଇ ଦେବା ଏହି ବିଜ୍ଞପ୍ତିର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଉଛି। ପୁରୁଣା କଟକ ସହରର ଭୌଗୋଳିକ ସ୍ଥିତିକୁ ଗୁରୁତ୍ୱ ଦେଇ ଏହି ନିୟମ ପ୍ରସ୍ତୁତ କରାଯାଇଛି। ଯାହାଫଳରେ ନାକେବଳ ନୂଆ ନିର୍ମାଣ ସହଜ ହେବ ବରଂ ବେଆଇନ ନିର୍ମାଣକୁ ନିୟମିତ କରିବା ଓ ପାର୍କିଂ ସମସ୍ୟାର ସମାଧାନ କରିବାରେ ମଧ୍ୟ ଏହା ସହାୟକ ହେବ। ଏହି ନୂତନ ବ୍ୟବସ୍ଥା ଫଳରେ କଟକ ସହରର ପୁରୁଣା ୱାର୍ଡଗୁଡ଼ିକରେ ବ୍ୟବସାୟିକ ଓ ଆବାସିକ ବିକାଶ ସୁବ୍ୟବସ୍ଥିତ ହୋଇପାରିବ ବୋଲି କୁହାଯାଉଛି। କଟକ ମହାନଗର ନିଗମ ଅଞ୍ଚଳରେ ମୋଟ ୫୯ଟି ୱାର୍ଡ ଥିବାବେଳେ ପୁରୁଣା ସହର ଥିବା ୪୩ଟି ୱାର୍ଡ ପାଇଁ ଏହି ନୂଆ ବିଲଡିଂ ପ୍ଲାନ୍ କାର୍ଯ୍ୟକାରୀ ହେବ। ବାକି ୱାର୍ଡଗୁଡ଼ିକରେ ୨୦୨୦ ମସିହାର ଓଡ଼ିଶା ବିକାଶ ପ୍ରାଧିକରଣ ନିୟମ ବଳବତ୍ତର ରହିବ ବୋଲି ଜଣାପଡ଼ିଛି।

### ୪୨ ବର୍ଷ ପରେ ...

ଗତ ଦୁଇ ବର୍ଷର ପରିଚାଳନାଗତ ତ୍ରୁଟି ସରକାରଙ୍କ ପାଇଁ ଶିକ୍ଷା ସାଜିଛି। ୨୦୨୪ରେ ପହଣ୍ଡି ସମୟରେ ଅଘଟଣ ଓ ପୂର୍ବରୁ ଘଟିଥିବା ଦଳାଚକଟା ପରିସ୍ଥିତିକୁ ନେଇ ସେବାୟତ ମହଲରେ ମଧ୍ୟ ଅସନ୍ତୋଷ ରହିଥିଲା। ତେଣୁ ନୂଆ କୋଡ୍‌ରେ କେବଳ ବ୍ୟବସ୍ଥା ନୁହେଁ, ବରଂ ଅବହେଳା କରୁଥିବା ଅଧିକାରୀ ଓ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ପହଣ୍ଡି ଓ ନୀତି ସମୟରେ କେବଳ ସଂପୃକ୍ତ ସେବକଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରିବାକୁ ଦାବି କରିଛନ୍ତି ସେବାୟତ ନିଯୋଗ। ଗତବର୍ଷ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେବା ପରେ ବି ପରିଚାଳନାରେ ତ୍ରୁଟି ଦେଖାଦେଇଥିଲା। ଏବେ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ପ୍ରସ୍ତୁତ ହେଉଥିବା ଏହି ନୂଆ 'ରଥ କୋଡ୍' ଆଗାମୀ ରଥଯାତ୍ରାକୁ କେତେ ଶୃଙ୍ଖଳିତ କରୁଛି, ତାହା ଦେଖିବାକୁ ବାକି ରହିଲା।

### ସରକାରୀ ଜମି ...


ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଣିକିଆ ଖଣ୍ଡପୀଠଙ୍କ ୨୦୨୫ ଅକ୍ଟୋବର ୩୧ର ରାୟ ବିରୋଧରେ କୋରାପୁଟ ଜିଲ୍ଲା ଘରୋଇ ବସ୍ କର୍ମଚାରୀ ୟୁନିୟନ୍ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ୧୦ ଦିନ ଭିତରେ ସଂପୃକ୍ତ ଜମିକୁ ଖାଲି କରି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥିରେ ଅବହେଳା ହୁଏ ତେବେ ସଂପୃକ୍ତ ଜମିରୁ ଉଚ୍ଛେଦ ସୁନିଶ୍ଚିତ ପାଇଁ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ କୋରାପୁଟ ଏସ୍‌ପି ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ କୋରାପୁଟ ଜିଲ୍ଲା ଘରୋଇ ବସ୍ କର୍ମଚାରୀ ୟୁନିୟନ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ସଂପୃକ୍ତ ସରକାରୀ ଜମି ଖାଲି କରିବାକୁ ଜୟପୁର ତହସିଲଦାର ୨୦୨୨ ମେ ୧୮ରେ ନୋଟିସ୍ ଜାରି କରିଥିଲେ। ଏହି ନୋଟିସ୍କୁ ଚ୍ୟାଲେଞ୍ଜ କରି ସଂପୃକ୍ତ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କିନ୍ତୁ ଜମିକୁ ୧୫ ଦିନ ଭିତରେ ଖାଲି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହିତ ଆବେଦନକାରୀଙ୍କୁ ନୂଆ ବସ୍‌ଷ୍ଟାଣ୍ଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜାଗା ପ୍ରଦାନ ପ୍ରସଙ୍ଗରେ କୋରାପୁଟ ଜିଲ୍ଲାପାଳ ବିଚାର କରିବେ ବୋଲି କହିଥିଲେ। ଜଣିକିଆ ଖଣ୍ଡପୀଠଙ୍କ ୨୦୨୫ ଅକ୍ଟୋବର ୩୧ର ଏହି ରାୟକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

### ରାଜ୍ୟର ଉଚ୍ଚ ...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟର ସୁଦୃଢ଼ ଆର୍ଥିକ ସ୍ଥିତି ବିଷୟରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ ଓଡ଼ିଶାର ରାଜସ୍ୱ ବଳକା ଏବଂ ନିୟନ୍ତ୍ରିତ ଋଣ-ଜିଏସଡିପି ଅନୁପାତ ଭବିଷ୍ୟତର ପୁଞ୍ଜିନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଓଡ଼ିଶାରେ ପ୍ରାୟ ୩୫୦ଟି ଆଇଟି କମ୍ପାନୀ କାର୍ଯ୍ୟ କରୁଥିବାବେଳେ, ନୂତନ ଆଇଟି, ସେମିକଣ୍ଡକ୍ଟର ଏବଂ ଦେଶର ପ୍ରଥମ ସ୍ୱତନ୍ତ୍ର ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ନୀତି ମାଧ୍ୟମରେ ରାଜ୍ୟରେ ୧୦୦ରୁ ଅଧିକ ଗ୍ଲୋବାଲ୍ କାପାବିଲିଟି ସେଣ୍ଟର ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଆଇକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଆ ଭାଷାର ଡାଟାସେଟ୍ ପ୍ରସ୍ତୁତି ଚାଲିଛି। ସେ ଏହି ଭିଜନକୁ "ଖଣି-ଭିତ୍ତିକ ଅର୍ଥନୀତିରୁ ମସ୍ତିଷ୍କ-ଭିତ୍ତିକ ଅର୍ଥନୀତି" ର ରୂପାନ୍ତରଣ ଭାବେ ଅଭିହିତ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଭବିଷ୍ୟତର ନଗରୀକରଣ ପାଇଁ ଯୋଜନାବଦ୍ଧ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ନଗରୀକରଣର ସ୍ତର ପ୍ରାୟ ୧୭ ପ୍ରତିଶତ ରହିଥିବାରୁ, ଏହାକୁ ବୃଦ୍ଧି କରିବା ପାଇଁ ଏକ ଅର୍ଥନୈତିକ-ଅଞ୍ଚଳ ଭିତ୍ତିକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଆଗାମୀ 'ଲିଭେବୁଲ୍ ସିଟି ମିଶନ' ଏବଂ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳର ବିକାଶ ଉପରେ ଧ୍ୟାନ ଦିଆଯାଉଛି। ଏହି ପ୍ରସ୍ତାବିତ ଅର୍ଥନୈତିକ ଅଞ୍ଚଳରୁ ରାଜ୍ୟ ଜିଡିପିର ପ୍ରାୟ ଏକ-ତୃତୀୟାଂଶ ଅଂଶ ଆସିବ ବୋଲି ଆଶା କରାଯାଉଛି। ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ସଡ଼କ ଭିତ୍ତିଭୂମିକୁ ସମୃଦ୍ଧ ଓଡ଼ିଶାର ମୂଳଦୁଆ ଭାବେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ୬୦୦ କିଲୋମିଟର ପର୍ଯ୍ୟନ୍ତ ପଣ୍ୟ ପରିବହନ ପାଇଁ ଶିଳ୍ପଗୁଡ଼ିକ ସଡ଼କ ପଥକୁ ପ୍ରାଥମିକତା ଦେଇଥାନ୍ତି। ଓଡ଼ିଶାର ସଡ଼କ ସାନ୍ଦ୍ରତାକୁ ଜାତୀୟ ହାରଠାରୁ ଅଧିକ କରିବା ଏବଂ ଦେଶର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ପାଇଁ ନୂତନ ଅର୍ଥନୈତିକ କରିଡର ଏବଂ ରାସ୍ତାର ପ୍ରଶସ୍ତିକରଣ ଉପରେ ସରକାର କାର୍ଯ୍ୟ କରୁଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ.ଏନ. ଗ୍ରାମୀଣ ରୂପାନ୍ତରଣ ପାଇଁ ଏକ ବ୍ୟାପକ ରୂପରେଖ ଉପସ୍ଥାପନ କରିଛନ୍ତି। ଏଥିରେ ଅଣ-କୃଷି ନିଯୁକ୍ତି, ଆଦର୍ଶ ଗ୍ରାମ ବିକାଶ ଏବଂ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' ଅଧୀନରେ ବାକି ଥିବା ୨,୬୦୧ଟି ଗ୍ରାମକୁ ୬,୫୦୫ କିଲୋମିଟର ରାସ୍ତା ଦ୍ୱାରା ସଂଯୋଗ କରିବା ପାଇଁ ୭,୮୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ସମସ୍ତ ୩୧୪ଟି ବ୍ଲକରେ 'ମାଇକ୍ରୋ-ସ୍କିଲିଂ ହବ୍' ପ୍ରତିଷ୍ଠା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର ଶିଳ୍ପରେ (ଏସଏମଇ) ପରିଣତ କରିବା ପାଇଁ ଯୋଜନା ରହିଛି। ପ୍ରଫେସର କ୍ଷିତି ଭୂଷଣ ଦାସ ଏବଂ ଶ୍ରୀ ରାଜୀବ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଏହି ଅଧିବେଶନରେ ସମନ୍ୱିତ ବିକାଶ ରଣନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ସମୃଦ୍ଧ ଓଡ଼ିଶା'ର ଏହି ଆଲୋଚନାଚକ୍ର ସ୍ପଷ୍ଟ କରିଛି ଯେ ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଏବଂ ବିଭିନ୍ନ କ୍ଷେତ୍ରର ବିକାଶ ମାଧ୍ୟମରେ ଓଡ଼ିଶା 'ବିକଶିତ ଓଡ଼ିଶା ୨୦୩୬' ର ଲକ୍ଷ୍ୟ ପୂରଣ ଦିଗରେ ଦୃଢ଼ ପଦକ୍ଷେପ ନେଉଛି।

# ରାସ୍ତା ପ୍ରଶସ୍ତିକରଣ ପାଇଁ କଟାଗଲା ଶତାଧିକ ଗଛ

**ନବରଙ୍ଗପୁର :** ଡାବୁଗାଁ ଉମରକୋଟ ୩୯ ନଂ ରାଜ୍ୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏଥିପାଇଁ ରାସ୍ତାକଡରେ ଥିବା ବହୁ ପୁରାତନ ତଥା ମୂଲ୍ୟବାନ ଗଛ ଗୁଡିକ କଟା ଚାଲିଛି। ଗଛକଟା ଯୋଗୁଁ ୩୯ ନଂ ରାଜ୍ୟ ରାଜପଥ ଏବେ ବୃକ୍ଷଶୂନ୍ୟ ହୋଇପଡିଛି। ଗଛ କଟିବା ପରେ ରାଜପଥ ଲଣ୍ଡା ଦେଖାଯାଉଛି। କେଉଁ ସ୍ଥାନ କେଉଁଠି ତାହା ପଥଚାରୀ ଜାଣିପାରୁନାହନ୍ତି। ଶୀତଋତୁ ଥିବାରୁ ରାଜପଥରେ ଗଛର ଅଭାବ ଅନୁଭୂତ ହେଉନାହିଁ। ହେଲେ ବର୍ତ୍ତମାନ ଗ୍ରୀଷ୍ମଦିନରେ ପଥାଚାରୀ ଛାୟା ନ ପାଇ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ଆଶଙ୍କା ନିଶ୍ଚିତ ବଢ଼ିବ ବୋଲି ଏବେଠାରୁ ଲୋକେ ଆଲୋଚନା କଲେଣି। କ୍ଲାନ୍ତ ଅନୁଭବ କଲେ ଯାତ୍ରୀମାନେ ଗଛଛାଇରେ ବିଶ୍ରାମ ନେଉଥିଲେ। ଏବେ ଜନସଂଖ୍ୟା ତାଳଦେଇ ଯାନବାହାନ ବୃଦ୍ଧି ପାଇଛି। ପ୍ରଶସ୍ତୀକରଣ ପରେ ରାସ୍ତା ପାର୍ଶ୍ୱ ଗଛ



କଟିଛି ଫଳରେ ଗଛଗୁଡିକରେ ଆଶ୍ରୟ ନେଇଥିବା ପକ୍ଷୀମାନେ ବାସହରା ହୋଇ ପଡିଛନ୍ତି। ସ୍ଥାନୀୟ ବନବିଭାଗର ଜଣେ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ଜଣା ପଡିଲା କଟିଥିବା ଗଛର ଗଣ୍ଡି ସବୁ ଓଡିଶା ବନ ଉନ୍ନୟନ ନିଗମକୁ ଯାଇଛି। ନିଗମ ପକ୍ଷରୁ ଗଣ୍ଡି ସବୁ ନିଲାମ କରି ବିକ୍ରି କରାଯାଇଥାଏ। ଯଦି ଏହି ପଇସାରେ ଖାସ କରି ଡାବୁଗାଁ ଅଞ୍ଚଳରେ ପୁନଃ ବଣିକରଣ କରାଯାଏ ତେବେ କିଛି ମାତ୍ରାରେ ପରିବେଶ ସୁସ୍ଥ ରହିପାରନ୍ତ ବଳି ଆଶାକରା ଯାଉଛି।

# ଭାରତୀୟ ମଜଦୁର ସଂଘର ପ୍ରତିବାଦ ଦିବସ

**ନବରଙ୍ଗପୁର :** ଭାରତୀୟ ମଜଦୁର ସଂଘ ସାରା ଦେଶରେ ଆଜିର ଦିନକୁ 'ପ୍ରତିବାଦ ଦିବସ' ଭାବେ ପାଳନ କରୁଛି। ଭାରତୀୟ ମଜଦୁର ସଂଘ ନବରଙ୍ଗପୁର ଜିଲ୍ଲା ତରଫରୁ ମଧ୍ୟ ମାଝୀଗୁଡା ଛକ ଠାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମାନ୍ୟବର ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ଓ ମାନ୍ୟବର ଶ୍ରମ ମନ୍ତ୍ରୀ ନୂଆଦିଲ୍ଲୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଓଡ଼ିଶାର ପୁରୀଠାରେ ଅନୁଷ୍ଠିତ ୨୧ ତମ ଅଖିଳ ଭାରତୀୟ ଅଧିବେଶନରେ ପାରିତ ପ୍ରସ୍ତାବ ଶ୍ରମିକ ଅର୍ଯ୍ୟୋଦୟ'ର ପ୍ରକୃତ ଭାବନା ଅନୁଯାୟୀ ସମସ୍ତ କ୍ଷେତ୍ର ଓ ଦର୍ଗତ ଶ୍ରମିକଙ୍କ ପାଇଁ ଶ୍ରମ ଆଇନ କଡାକଡି ଭାବେ ଲାଗୁ କରାଯାଉ। ଶିଳ୍ପ ସମ୍ପର୍କ କୋଡ଼, ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ଼, ୨୦୨୦ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ କରନ୍ତୁ। ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଶୀଘ୍ର 'ଭାରତୀୟ ଶ୍ରମ ସମ୍ମିଳନୀ' କରନ୍ତୁ ଏବଂ ବିଭିନ୍ନ ତ୍ରିପାକ୍ଷିତ କମିଟିଗୁଡ଼ିକର ପୁନର୍ଗଠନ କରି ସେମାନଙ୍କର ନିୟମିତ ବୈଠକ କରନ୍ତୁ । ସମସ୍ତ ସ୍କିମ୍ ୱାର୍କର ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯାଉ। ଇପିଏଫ୍-୯୫ରେ ଥିବା ସର୍ବନିମ୍ନ ପେନ୍‌ସନ୍ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି ସହିତ ମହଙ୍ଗା ଭତ୍ତା ପ୍ରଦାନକରାଯାଉ। ଏନ୍‌ଟିସି ମିଲ୍ସ ଏଚ୍‌ଇସି ରାଞ୍ଚି, ଆଇଟିଆଇ, ଏଚ୍‌ଏମ୍‌ଟି ଇତ୍ୟାଦି ପିଏସ୍‌ୟୁଏସ୍ (ସରକାରୀ ସଂସ୍ଥା) ଗୁଡ଼ିକରେ ବକେୟା ଥିବା ମଜୁରୀ ପ୍ରଦାନ କରାଯାଉ। ବ୍ୟାଙ୍କିଙ୍ଗ୍ ଶିଳ୍ପରେ '୫-ଦିନିଆ କାର୍ଯ୍ୟ ସପ୍ତାହ ପ୍ରଚଳନ କରାଯାଉ। ଶ୍ରମିକଙ୍କ ସୁବିଧା ପାଇଁ ଇଏସ୍‌ଆଇ ଏବଂ ଇପିଏଫ୍‌ରେ ଥିବା ସୀମା ବୃଦ୍ଧି କରାଯାଉ। ବର୍ତ୍ତମାନର ମଜୁରୀ ସ୍ତର ସହିତ ସମାନତା ରଖି ବୋନସ୍ ପ୍ରଦାନ ଆଇନ, ୧୯୬୫ ଅନୁଯାୟୀ ବୋନସସୀମାକୁ ବୃଦ୍ଧି କରାଯାଉ। ଭାରତୀୟ ସମ୍ବିଧାନ ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ସ୍କିମ୍ ୱାର୍କର ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ନିୟମିତ କରାଯାଉ। ସାଧାରଣ ନିଯୁକ୍ତି ଉପରେ ଥିବା ନିଷେଧାଦେଶକୁ ତୁରନ୍ତ ହଟାଯାଇ ଚାକିରିର ସୁରକ୍ଷା ସହିତ ଗ୍ୟାରେଣ୍ଟିଯୁକ୍ତ ନିଯୁକ୍ତି ନିଶ୍ଚିତ କରନ୍ତୁ, ଯାହାଦ୍ୱାରା ସେବା ସର୍ତ୍ତାବଳୀରେ ଥିବା ଅନିଶ୍ଚିତତା ଦୂର ହୋଇପାରିବ। ଜିଲ୍ଲା ସମ୍ପାଦକ ଅଙ୍ଗନୱାଡି କର୍ମି ମାନଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରାଯାଉ। ଯେ ପର୍ଯ୍ୟନ୍ତ କରାଯାଇ ନାହିଁ କର୍ମୀମାନଙ୍କୁ ୨୪୦୦୦ ଟଙ୍କା ବେତନ ଦିଆଯାଉ, ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିବା ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତିଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ଆୟୁଷ୍ମାନ ଭାରତ ଚିକିତ୍ସା ବୀମା ଯୋଜନାକୁ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ମାନଙ୍କୁ ଲାଗୁ କରାଯାଉ। ଆଜି ପର୍ଯ୍ୟନ୍ତ ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କୁ ୬୦ କିମ୍ବା ୬୨ ବର୍ଷରେ ଚାକିରିରୁଅବସର ଦିଆଯାଉଛି। ସେମାନଙ୍କୁ ରାଜ୍ୟ ସରକାର ତରଫରୁ ୫ ଲକ୍ଷ ଟଙ୍କା ଓ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ। ଅଙ୍ଗନବାଡି କର୍ମୀ କାର୍ଯ୍ୟରତ ସମୟରେ ଦୁର୍ଘଟଣା ଜନୀତ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲେ ୫ ଲକ୍ଷ ତଥାତାଙ୍କ ପରିବାରର ଜଣକୁ ଅଙ୍ଗନୱାଡି ଚାକିରୀରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ। ଅଙ୍ଗନୱାଡି କର୍ମୀ ନିଯୁକ୍ତି କ୍ଷେତ୍ରରେ ପୁର୍ବର ଗାଇଡ ଲାଇନ ହିସାବରେ ଆଦିବାସୀ, ହରିଜନ, ଓବିସି ଓ ସାଧାରଣ ବର୍ଗର ନିଯୁକ୍ତି ପାଉଥିଲେ କିନ୍ତୁ ଦୁଃଖର ବିଷୟ ୨୦୨୩ମସିହାର ଗାଇଡ ଲାଇନ ହିସାବରେ ଖାଲି ଆଦିବାସୀ ଝିଅ କିମ୍ବା ବୋହୂ, ନବରଙ୍ଗପୁର ଜିଲ୍ଲାରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇପାରିବେ, ତେଣୁ ଏହା ଏକ ଜାତି ଭିତ୍ତିକ ନିଯୁକ୍ତ ହେଉଛି, ବର୍ତ୍ତମାନର ଗାଇଡ ଲାଇନକୁ ରଦ୍ଦ କରାଯାଇ ପୁର୍ବ ଗାଇଡ ଲାଇନଅନୁଯାୟୀ ସମସ୍ତ ବର୍ଗ ତଥା ଆଦିବାସୀ, ହରିଜନ, ଓବିସି ଓ ସାଧାରଣ ବର୍ଗର ଝିଅ ଓ କିମ୍ବା ବୋହୁ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇବା ପାଇଁ ଆଦେଶ କରାଯାଉ। ଆଶାକର୍ମୀ ମାନଙ୍କୁ ଓଡିଶା ସରକାରଙ୍କ ଦୈନିକ ମଜୁରୀ ହିସାବରେ ୧୮ ହଜାର ଟଙ୍କା ମାସିକ ବେତନ ଦିଆଯାଉ। କାର୍ଯ୍ୟରତ ସମୟରେ ଦୁର୍ଘଟଣା ଜନୀତ ମୃତ୍ୟୁ



ହେଲେ ୧୦ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲା ୫ ଲକ୍ଷ ତଥା ତାଙ୍କ ପରିବାରର ଜଣକୁ ଆଶାକର୍ମୀ ରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ। ୬୦ ବର୍ଷରେ ଚାକିରିରୁ ଅବସରଦିଆଯାଉଛି। ସେମାନଙ୍କୁ ରାଜ୍ୟ ସରକାର ତରଫରୁ ୫ ଲକ୍ଷ ଟଙ୍କା ଓ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ। ସ୍ୱାବଲମ୍ବୀକାରିଗର ମାନଙ୍କୁ ସରକାରଙ୍କ ଦୈନିକ ୬୦୦ ଟଙ୍କା ମଜୁରୀ ହିସାବରେ ୧୮୦୦୦ ଟଙ୍କା ବେତନ ଦିଆଯାଉ ଓ ପାନୀୟ ଜଳରମେଘା ପ୍ରଜେକଟରେ ସ୍ୱାବଲମ୍ବି କାରିଗର ମାନଙ୍କୁ ନିଯୁକ୍ତି ଦିଆଯାଉ। ମଙ୍ଗଲମ ଟିମ୍ବର କାରଖାନାରେ ଶ୍ରମିକ ମାନେ କାମ କରୁଥିବାଜାଗାରେ ଶ୍ରମିକମାନଙ୍କୁ ନିଯୁକ୍ତି ନଦେଇ କମ୍ପାନୀ ତରଫରୁ ମନେଜମେଣ୍ଟ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି ଫଳରେ ନବରଙ୍ଗପୁର ଜିଲ୍ଲାରପିଲା ମାନେ ନିଯୁକ୍ତି ପାଇପାରୁ ନାହାନ୍ତି, ଏଣୁ ବାହାର ମେନେଜମେଣ୍ଟ ପିଲାଙ୍କୁ ନଦେଇ, ମଙ୍ଗଲମ ଟିମ୍ବର କାରଖାନାରେ ନବରଙ୍ଗପୁରଜିଲ୍ଲାର ଲୋକାଲ କର୍ମୀଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ, ଅନ୍ୟ କାରଖାନା ତୁଳନାରେ ମଙ୍ଗଲମ ଟିମ୍ବର କାରଖାନାର ଶ୍ରମିକମାନଙ୍କ ପାରିଶ୍ରମିକ ଅତି ନିମ୍ନ ଦିଆ ଯାଉଛି, ତାହା ପରିବାର ଚଳିବାରେ ବହୁତ ଅସୁବିଧା ହେଉଛି ତେଣୁ ପାରିଶ୍ରମିକ ବୃଦ୍ଧି କରାଯାଉ। ସିକ୍ୟୁରିଟି ଗାର୍ଡ ମାନଙ୍କୁ ସରକାରୀ କର୍ମଚାରୀ ରୁପେ ଘୋଷଣା କରାଯାଉ ଓ ଠିକା କମ୍ପାନୀ ତରଫରୁ ନଦେଇ ବିଭାଗ ତରଫରୁ ବେତନ ଦେବାର ବ୍ୟବସ୍ଥା କରାଯାଉ।, ସ୍କୁଲ ପାଚିକାମାନଙ୍କୁ ସରକାରଙ୍କ ଦୈନିକ ମଜୁରୀ ହିସାବରେ ଦରମା ବୃଦ୍ଧି କରାଯାଉ। ପରିଚୟ ପତ୍ର ପାଇଥିବା ନିର୍ମାଣ ଶ୍ରମିକ ମାନଙ୍କୁ ସାଇକେଲ, ଟୁଲସ ଓ ସେଫଟି ଯୋଗାଇ ଦିଆଯାଉ। ୨୦୧୫ – ୨୦୧୭ ମସିହାରେ ଟ୍ରେନିଙ୍ଗ ନେଇଥିବା ନିର୍ମାଣ ଶ୍ରମିକ ମାନଙ୍କୁ ୩ ହଜାର ଟଙ୍କା ଚଞ୍ଚଳ ଦିଆଯାଉ। ଯେଉଁ କାର୍ଡ ପାଇଥିବା ନିର୍ମାଣ ଶ୍ରମିକ ୬୦ବର୍ଷ ବୟସରେ ମୃତ୍ୟୁ ହେଲେ ସହାୟତା ରାଶି ଦିଆଯାଉଛି ତାହା ୬୦ ବର୍ଷକୁ ବାଦ ଦେଇ ଯେତେ ବର୍ଷରେ ମୃତ୍ୟୁ ଘଟିଲେ, ମୃତ୍ୟୁକାଳିନ ସହାୟତା ରାଶି ତାଙ୍କ ପରିବାରକୁ ପ୍ରଦାନ କରାଯାଉ। ପରିଚୟ ପତ୍ର ପାଇଥିବା ନିର୍ମାଣ ଶ୍ରମିକ ଗୋଟିଏ ରେନ୍ୟୁଏଲ କରିଥିବାକିମ୍ବା କିଛି କରିନଥିବା ନିର୍ମାଣ ଶ୍ରମିକ ମୃତ୍ୟୁବରଣ କରିଲେ ସେମାନଙ୍କ ପରିବାରକୁ ମଧ୍ୟ ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ କରାଯାଉ। ସମସ୍ତ ଶ୍ରମ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀ ଚଞ୍ଚଳ ପୂରଣ କରାଯାଉ। ପରିଚୟ ପତ୍ର ପାଇଥିବା ନିର୍ମାଣ ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ ପକ୍କାଘର ଚଞ୍ଚଳ ଯୋଗାଇ ଦିଆଯାଉ। ସେଥିରେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ପରମେଶ୍ୱର ବିଷୋୟୀ ଆଶା, ଅଙ୍ଗନବାଡି ମାନଙ୍କୁ କି ଭଳି ସମସ୍ୟାକୁ ନେଇ ବର୍ଷି ଥିଲେ। ଗୋଟିଏ ଯୋଜନା ର ୫୦ ବର୍ଷ ପରେ ମଧ୍ୟ ସେମାନଙ୍କୁ ସରକାରୀ ମାନ୍ୟତା ଦିଆ ନଯିବା କମ ବେତନରେ ସମସ୍ତ ଯୋଜନାରେ ସାମିଲ କରିବା ଚଳିବ ନାହିଁ ବୋଲି ମତ ଦେଇଥିଲେ। ସରକାର ନିର୍ବାଚନ ସମୟରେ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଆଜି ପର୍ଯ୍ୟନ୍ତ ପୂରଣ କରାଯାଇ ନଥିବା ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ ଅଭିଯୋଗ କରିଥିଲେ। ତାହା ଯଦି ପୁରଣ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି। ଅଙ୍ଗନୱାର୍ଡ ସଂଘର ଉପଦେଷ୍ଟା ସବିତା ନାୟକ, ମମତା ବ୍ରହ୍ମା ସମ୍ପାଦିକା ଉମା ନାୟକ, ସହ ସମ୍ପାଦିକା ଭାଗ୍ୟବତୀ ଷଡ଼ଙ୍ଗୀ ଆଶା ସଭାନେତ୍ରୀ କବିତା ନାୟକ ସମ୍ପାଦିକା ଗୀତାଞ୍ଜଳି ହରିଜନ ଓ ବ୍ଲକ କାର୍ଯ୍ୟକର୍ତ୍ତା ସମେତ ପ୍ରାୟ ୩୦୦ ଶହ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# ଫଗୁବୋଲା ଫଗୁଣ



ପ୍ରେମାନନ୍ଦ ପାଣିଗ୍ରାହୀ

ଫାଲଗୁନ ମାସ ସୂର୍ଯ୍ୟଙ୍କର ଉତ୍ତରାୟଣ ସମୟ। ଏହି ମାସରେ ପ୍ରକୃତି ବସନ୍ତ ଋତୁର ସୌନ୍ଦର୍ଯ୍ୟରେ ଭରପୂର ହୋଇଥାଏ । ସୌର ଗଣନା ଅନୁସାରେ ଏହି ମାସର ନାମ କୁମ୍ଭ ମାସ । କୁମ୍ଭ ମାସରେ ଆକାଶରେ ଫାଲଗୁନୀ ନକ୍ଷତ୍ର ଅବସ୍ଥାନ କରିଥାନ୍ତି । କଥାରେ ଅଛି ଫଗୁଣ ମାସରେ ଦୋଳ ଗୋବିନ୍ଦ,ଫଗୁ ଖେଳୁଛନ୍ତି ପରମାନନ୍ଦ। ତେଣୁ ଫଗୁଣ ମାସ ଦୋଳ ଗୋବିନ୍ଦଙ୍କ ସମୟ। ଫାଲଗୁନ ମାସକୁ ସୁବର୍ଣ୍ଣ ମାସ ମଧ୍ୟ କୁହାଯାଇଥାଏ। ଜଗନ୍ନାଥଙ୍କର ଦ୍ୱାଦଶ ଉତ୍ସବ ମଧ୍ୟରେ ଦୋଳ ବା ଚାଚେରୀ ଉତ୍ସବ ଏକ ପ୍ରଧାନ ଉତ୍ସବ। ଫଗୁ ସହ ଫଗୁଣ ଆଉ ଦୋଳି ସହ ଦୋଳ ଏପରି ସାମଞ୍ଜସ୍ୟ ମଧ୍ୟ ଉଲ୍ଲେଖନୀୟ । ଫଗୁଣ ର ପ୍ରମୁଖ ପର୍ବ ଦୋଳ । ଫଗୁ ଖେଳ ହେତୁ କେହି କେହି ଦୋଳ ପୂର୍ଣ୍ଣିମାକୁ ଫଗୁ ପୂର୍ଣ୍ଣିମା ମଧ୍ୟ କହିଥାନ୍ତି। ତେବେ ଯାହାକୁ ନେଇ ଏହି ଉତ୍ସବର ଉତ୍ପତ୍ତି ତାହା ହେଉଛି ଫଗୁ ବା ରଙ୍ଗ । ଫଗୁ ବା ଅବିର ସ୍ନେହ ସଦିଚ୍ଛା ଓ ସଂପ୍ରୀତିର ପ୍ରତୀକ ।

ବସନ୍ତ ଋତୁରେ ହର୍ଷ ଉଲ୍ଲାସର ସହ ପାଳନ କରାଯାଉଥିବାରୁ ଦୋଳକୁ ବସନ୍ତ ଉତ୍ସବ କୁହାଯାଏ। ମଦନ ମହୋତ୍ସବ ରୁ ଦୋଳ ଉତ୍ସବର ପରିକଳ୍ପନା। ଓଡିଆ ଘରର ପରମ୍ପରା ଅନୁଯାୟୀ ଦୋଳ ଯାତ୍ରା ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଚୈତ୍ର ମାସ ଦଶମୀ ପର୍ଯ୍ୟନ୍ତ ବଭିନ୍ନ ସ୍ଥାନରେ ପାଳିତ ହୁଏ। ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଅବିର ରଙ୍ଗରେ ରଙ୍ଗମୟ ହୁଏ ଭକ୍ତ ଜନର ମନ। ସଂଗୀତମୟ ହୁଏ ମନ୍ଦିର ଓ ଗାଁ ଦାଣ୍ଡ। ଶ୍ରୀଚୈତନ୍ୟଙ୍କର ପବିତ୍ର ଜନ୍ମ ତିଥି ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳକୁ ରାଜ ଦୋଳ ଭାବରେ ପାଳନ କରାଯାଉଥିବା ବେଳେ ପୂର୍ଣ୍ଣିମା ପରେ ପାଞ୍ଚ ଦିନ ପର୍ଯ୍ୟନ୍ତ ପଞ୍ଚୁ ଦୋଳ ଭାବରେ ପାଳନ କରାଯାଏ । ଯେଉଁ କେତେକ ସ୍ଥାନରେ ଦୋଳ ଯାତ୍ରା ପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇ ଛଅ ଦିନ ,ସାତ ଦିନ ବା ଦଶ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ ସେଠାରେ ଦୋଳ ଯାତ୍ରାକୁ ଷଷ୍ଠଦୋଳ,ସପ୍ତ ଦୋଳ.ଦଶ ଦୋଳ କୁହାଯାଏ ।

ଦୋଳ ପର୍ବ ହେଉଛି ଲୀଳାମୟ ଶ୍ରୀକୃଷ୍ଣଙ୍କର ଦ୍ୱାପର ଯୁଗର ବସନ୍ତ ରାସ ସମ୍ବଳିତ ଏକ ମହନୀୟ ପରମ୍ପରା । ପ୍ରକୃତି ଓ ପୁରୁଷର ମିଳନାତ୍ମକ ରାସୋତ୍ସବର ପରିପ୍ରକାଶ । ଜନମାନସର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସାଂସାରୀକ ବାସନାରୁ ମୁକ୍ତ ହୋଇ ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେସଙ୍ଗେ ଚାଚେରୀ ଖେଳିଥିଲେ । ସେମାନେ ପରମପ୍ରୀୟଙ୍କୁ ଫୁଲରେ ବିମଣ୍ଡିତ କରି ଦୋଳି ଖେଳାଇ ଥିଲେ ଓ ତାଙ୍କ ସହ ଫଗୁ ଖେଳି ଆମୋଦ ପ୍ରମୋଦରେ ମଜ୍ଜି ରହିଥିଲେ । ରାଧା ଓ କୃଷ୍ଣ ହିନ୍ଦୁ ମଣିଷ ଭିତରେ ପରିପୂର୍ଣ୍ଣ ପ୍ରେମର ଦୁଇଟି ଅମଳିନ ଫୁଲ । ଶ୍ରୀକୃଷ୍ଣଙ୍କ ଲୀଳାର ଅବିର ବା ରଙ୍ଗ ଖେଳରୁ ଦୋଳୋତ୍ସବର ସୃଷ୍ଟି । ଏହା ହେଉଛି ବସନ୍ତ ଋତୁର ପୁଲକିତ ପର୍ବ। ଉଚ୍ଛ୍ୱସିତ ଉଲ୍ଲାସର ଅଭିବ୍ୟକ୍ତି ଏହି ବର୍ଣ୍ଣାଢ୍ୟ ପର୍ବର ଛତ୍ରେ ଛତ୍ରେ ପରିଲକ୍ଷିତ । ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଦୋଳ ଯାତ୍ରା ସାଧାରଣତଃ ଆରମ୍ଭ ହୁଏ। ଫଗୁ ଦଶମୀରେ ବିଧିବଦ୍ଧ ଭାବେ ଆରାଧ୍ୟ ରାଧାକୃଷ୍ଣଙ୍କ ପାଖରେ ଅବିର ଅର୍ପଣ କରାଯିବା ପରେ ପାରମ୍ପରୀକ ରୀତିରେ ଫଗୁ ଉତ୍ସବ ଆରମ୍ଭ ହୁଏ । ଶ୍ରୀ ହର୍ଷ ରତ୍ନାବଳୀ ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି ଦୋଳେ ଚ ଦୋଳ ଗୋବିନ୍ଦଂ,ଚାପେ ଚ ମଧୁସୂଦନଂ। ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନଃ ଜନ୍ମ ନବିଦ୍ୟତେ। ଅର୍ଥାତ ଦୋଳରେ ଦୋଳ ଗୋବିନ୍ଦ, ଚାପରେ ମଦୂସୂଦନ ଏବଂ ରଥରେ ବାମନଙ୍କୁ ଦର୍ଶନ କଲେ ପୁର୍ନଜନ୍ମରୁ ମାନବ ମୁକ୍ତି ପାଏ । ତେଣୁ ସାଧାରଣ ଲୋକଙ୍କ ପାଇଁ ଫଗୁଣ ମାସରେ ଦୋଳ ଦର୍ଶନ ଏକ ପରମ ପବିତ୍ର ଦୃଶ୍ୟ। ଭକ୍ତମାନେ ସବୁବେଳେ ଠାକୁରଙ୍କୁ







ଦର୍ଶନ କରୁଥିଲେ ମନ୍ଦିରରେ, ନୈବଦ୍ୟ ଅର୍ପଣ କରୁଥିଲେ ଭଗବାନଙ୍କ ପୀଠସ୍ଥଳୀରେ କିନ୍ତୁ ଦୋଳ ଉତ୍ସବରେ ଠାକୁର ନିଜ ସିଂହାସନରୁ ଓହ୍ଲାଇ ଆସନ୍ତି ଭକ୍ତର ଦ୍ୱାର ନିକଟକୁ । ଭକ୍ତ ନିକଟକୁ ଯାଇ ତାର ଭକ୍ତି ନୈବେଦ୍ୟ ଗ୍ରହଣ କରନ୍ତି । ଭକ୍ତଙ୍କ ସହ ରଙ୍ଗ ଖେଳନ୍ତି । ନୂଆ ଆମ୍ବ,ଚଣା,ଖଜା,ମୁଆଁ ଉଖୁଡା,ଖଇ ଠାକୁରମାନଙ୍କ ନିକଟରେ ଚାଚେରୀ ଭୋଗ ବା ଦ୍ୱାରୀ ଭୋଗ ଲାଗି କରାଯାଏ । ଭଗବା ଯେ ସର୍ବଦା ଭକ୍ତଙ୍କର ଏହାହିଁ ପ୍ରତିପାଦିତ କରିବା ବୋଧ ହୁଏ ଦ୍ୱାରୀ ଭୋଗର ଉଦ୍ଦେଶ୍ୟ । ଗ୍ରାମବାସୀମାନେ ନିଜ ନିଜ ଘର ସମ୍ମୁଖରେ ସୁସ୍‌ଜିତ ବେଦୀରେ ଠାକୁରଙ୍କୁ ଚାଚେରୀ ଭୋଗ ଓ ଫଗୁ ଅର୍ପଣ କରିଥାନ୍ତି । ଫଗୁ ବା ଅବିର ଠାକୁରମାନଙ୍କୁ ଅର୍ପଣ କରାଯାଇ ଆବାଳ ବୃଦ୍ଧ ବନିତା ସମସ୍ତେ ପରସ୍ପର ମଧ୍ୟରେ ବୋଳାବୋଳି ହୋଇ ନିଜ ନିଜର ସ୍ନେହ ସମ୍ମାନ ଜଣାଇ ଶୁଭ କାମନା କରିଥାନ୍ତି। ଫଗୁର ରଙ୍ଗରେ ରଙ୍ଗୀନ ହୋଇଯାଏ ଦେହ ଓ ମନ। ସବୁ ଭେଦଭାବକୁ ଭୁଲି ସମସ୍ତେ ମତୁଆଲା ହୋଇ ଉଠନ୍ତି ରଙ୍ଗର ପରଶରେ । ଫଗୁ ପ୍ରକୃତିର ଅବଦାନ । ଫଗୁ ସହିତ ଆମର ସଂପର୍କ ଚିରନ୍ତନ । ଦୋଳ ଉତ୍ସବ ଅବସରରେ ଚଳଚଞ୍ଚଳ ହୋଇଉଠେ ଧରାପୃଷ୍ଠ । ଦୋଳ ପୂର୍ଣ୍ଣିମା ପର ଦିନ ହୋଲି । ପିଲା ଠାରୁ ବୁଢା ଯାଏ ରଙ୍ଗ ମାୟାରେ ମୋହାଚ୍ଛନ୍ନ ହୋଇଯାନ୍ତି ସେଦିନ । ପ୍ରଥମେ ମାଟିରୁ ରଙ୍ଗ ପ୍ରସ୍ତୁତ କରି ଲୋକମାନେ ହୋଲି ମନାଉଥିଲେ । ପରେ ବାଲି,ଚାଉଳ ଚୂନା ଓ ଅନ୍ୟାନ୍ୟ ପ୍ରାକୃତିକ ଉପାଦନାରେ ଅବିର ତିଆରି ହେଉଥିବା ବେଳେ ଏବେ ଏସବୁରେ ଅନେକ ପରିବର୍ତ୍ତନ ଦେଖା ଦେଲାଣି । ଆକର୍ଷଣ ଓ ରଙ୍ଗୀନ କରିବା ପଇଁ ବିଭିନ୍ନ ରାସାୟନିକ ମିଶ୍ରଣ ଦ୍ୱାରା ରଙ୍ଗ ପ୍ରସ୍ତୁତ କରାଗଲା । ରାସାୟନିକ ରଙ୍ଗର ଅପକାରିତା ସମ୍ପର୍କରେ ଅବଗତ ଥିବା ଲୋକେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ଉଚିତ ମନେ କରୁଛନ୍ତି । ସଚେତନ ବ୍ୟକ୍ତିବିଶେଷ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ହର୍ବାଲ ହୋଲି ଉତ୍ସବର ଆୟୋଜନ କରାଯାଉଛି । ଯେଉଁଠାରେ ହାନିକାରକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ରଙ୍ଗ ପରିବର୍ତ୍ତେ ଗାଜର,ବିଟ୍,ଟମାଟୋ,ନିମ୍ବପତ୍ର,ମୁଲତାନି ମାଟି ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ରଙ୍ଗ ପ୍ରସ୍ତୁତ କରାଯାଉଛି । ରଙ୍ଗର ଏହି ପର୍ବରେ ଯେତେ ରଙ୍ଗ ବଦଳାଉଥିଲେ ମଧ୍ୟ ଫଗୁ ଆଉ ଅବିରର ଚାହିଦା କେବେ ବି କମିନି । ଗାଁ ରୁ ସହର ଏବେ ରଙ୍ଗ ଦୋକାନ ଖୋଲିଲାଣି । ଯେଉଁଠି ପିଚକାରୀ ଠାରୁ ଆରମ୍ଭ କରି ଚଷମା,କ୍ୟାପ୍,ସ୍ୱତନ୍ତ୍ର ପୋଷାକ ଆଦି ବିକ୍ରି ହେଉଛି । ରଙ୍ଗୀନ ପୋଷାକ ସାଙ୍ଗକୁ ନାଚଗୀତ ତାଳେତାଳେ ହଜି ଯାଉଛନ୍ତି ଯୁବପିଢୀ । କେବଳ ସହର ନୁହେଁ ଗାଁରେ ବି ସମାନ ପରିବେଶ । ସାତ ରଙ୍ଗର ହୋଲି ଗୀତର ଛାପ ରହିଛି ଆମ ଓଡିଆ ସିନେମାରେ । ଷାଠିଏ ସତୁରୀ ଦଶକରୁ ଚାଲିଆସିଛି ଏହି ପରମ୍ପରା । ବଳିଦାନ ର ହୋଲି ହୋଲିରେ ହୋଲି ରଙ୍ଗ ରଙ୍ଗେଲି ନାନଲି... ହେଉକି ସହର ଜଳୁଛି ଚଳଚ୍ଚିତ୍ରର ଆଜି ଆକାଶେ ଉଡେ ରଙ୍ଗ,ପବନେ ଉଡେ ରଙ୍ଗ... ଘର କୋଣରେ ବସିଛୁ କିଆଁ ଆ ଖେଳିବା ରଙ୍ଗ ...। ଗୀତକୁ କିଏ ବା ଭୁଲି ପାରିବ । ତେବେ ଦିବାନା ଚଳଚ୍ଚିତ୍ରରେ ବସନ୍ତ ରାଜ ସାମଲଙ୍କର–ନେ ନେ ନେ ରଙ୍ଗ ଟିକେ ଦେଲି...ହୋଲି ଗୀତର ଧୂନର ତାଳେତାଳେ ଯୁବପିଢୀ ଏବେ ବି ମସଗୁଲ ହୋଇଉଠନ୍ତି।

ଦୂରଭାଷ : ୯୪୩୭୭୨୯୩୮୪



ଓଡ଼ିଶାରେ “ପିଏମ୍ ରାହାତ” ଯୋଜନା ଆରମ୍ଭ ନେଇ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ


# ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର :** ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ‘ପ୍ରଧାନମନ୍ତ୍ରୀ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ସ ହସ୍ପିଟାଲାଇଜେସନ ଆଣ୍ଡ ଆସ୍ୟୁର୍ଡ ଟ୍ରିଟମେଣ୍ଟ’ (ପିଏମ ରାହାତ) ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଏନ.ବି.ଏସ୍ ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ମିଶନ ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡଃ. ବୃନ୍ଦା ଡି., ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଡିଜିପି (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ରଙ୍କ ସମେତ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ନୂତନ ଯୋଜନାରେ,



ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ ଦିନ ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ବ୍ୟବସ୍ଥା ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବ ଏବଂ ଏହାର ସମସ୍ତ ଖର୍ଚ୍ଚ ମୋଟର ଭେହିକିଲ ଆକ୍ସିଡେଣ୍ଟ ଫଣ୍ଡରୁ ଭରଣା କରାଯିବ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଁଚାଇବା ପାଇଁ ଏହାକୁ ୧୧୨ ଜରୁରୀକାଳୀନ ସେବା ସହିତ ସଂଯୋଗ କରାଯାଇଛି, ଯାହାଫଳରେ ଘଟଣାସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରିବ। ତତ୍ ସହିତ ଏସଏମଏସ ଜରିଆରେ ଜରୁରୀ ସୂଚନା ଏବଂ ଚିକିତ୍ସାଧୀନଙ୍କ ପାଇଁ ହସ୍ପିଟାଲମାନଙ୍କୁ ନିର୍ଦ୍ଧାରିତ ସମୟ ଭିତରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି । ଏ ସମ୍ପର୍କିତ ସଂସ୍ଥାଗତ ବ୍ୟବସ୍ଥା, ତଦାରଖ ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଯୋଜନାକୁ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ସମନ୍ୱିତ ଟେକ୍ନୋଲୋଜି ପ୍ଲାଟଫର୍ମ ବ୍ୟବହାର କରାଯାଉଛି। ପୋଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଇ-ଡିଏଆର (ଇ-ଡିଏଆର) ପୋର୍ଟାଲରେ ଦୁର୍ଘଟଣାର ବିବରଣୀ ଦିଆଯିବ, ଯାହା ଆଧାରରେ ଚିକିତ୍ସାଳୟଗୁଡ଼ିକ ଟ୍ରାନଜାକ୍ସନ ମ୍ୟାନେଜମେଣ୍ଟ ସିଷ୍ଟମ (ଟିଏମଏସ ) ଜରିଆରେ କ୍ଲେମ୍ ପ୍ରକ୍ରିୟା ଆରମ୍ଭକରିବେ। ଯୋଜନାର ସଫଳ ପରିଚାଳନା ପାଇଁ ଏକ ସୁଦୃଢ଼ ପ୍ରାଶାସନିକ ବ୍ୟବସ୍ଥା ରହିଛି । ଜାତୀୟ ସ୍ତରରେ ସଡକ ପରିବହନ ଓ ରାଜପଥ ମନ୍ତ୍ରାଳୟର ସଚିବ ପରିଚାଳନା କମିଟିର ମୁଖ୍ୟ ଥିବା ବେଳେ ରାଜ୍ୟସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ/ପରିବହନ ମନ୍ତ୍ରୀ/ମୁଖ୍ୟ ଶାସନ ସଚିବଙ୍କ ଅଧିନରେ ଜାତୀୟ ସଡକ ସୁରକ୍ଷା ପରିଷଦ କାର୍ଯ୍ୟ କରିବ । ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ’ଜିଲ୍ଲା ସଡକ ସୁରକ୍ଷା ସମିତି ’ ଏହାର ତଦାରଖ କରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ଚିକିତ୍ସାଳୟ ସମେତ ଏହା ବ୍ୟତିରେକ ଯେଉଁ ଡାକ୍ତରଖାନାରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ରହିଛି,ସେସବୁ ଡାକ୍ତରଖାନାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହୋଇପାରିବ । ଏଥିପାଇଁ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ପରିବହନ ବିଭାଗଙ୍କୁ ପରାମର୍ଶ ଦିଆଯାଇଛି । ଯଦି କୌଣସି ବ୍ୟକ୍ତି ସେବା ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଜିଲ୍ଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରାଯାଇପାରିବ ଏବଂ ଜିଲ୍ଲାପାଳ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ପ୍ରତିଦିନ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୬ ଜଣ ମୃତ୍ୟୁବରଣ କରୁଛନ୍ତି। ଏଣୁ ଏହି ହାର କମାଇବା ସରକାରଙ୍କ ପ୍ରାଥମିକତା ରହିଛି। ‘ପିଏମ ରାହାତ’ ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ହସ୍ପିଟାଲରେ ପହଁଚାଇ ଅବିଳମ୍ବେ ଚିକିତ୍ସା ଆରମ୍ଭ କଲେ ଏହି ସଂଖ୍ୟା ହ୍ରାସ ପାଇବ। ଏ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଏବଂ ପୁଲିସ୍ ପ୍ରଶାସନ ସମେତ ଜିଲ୍ଲାସ୍ତରରେ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି

## ‘ଉନ୍ନତମାନର ଧାନ ମଣ୍ଡିରେ ଦିଅନ୍ତୁ’



**ଭୁବନେଶ୍ୱର :** ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁରଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ତଥା ଧାନ କିଣା ବିଷୟରେ ସମୀକ୍ଷା କରିଥିଲେ। ଧାନର ଏଫ୍ଏକ୍ୟୁମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇମାନେ ଉନ୍ନତମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ ବୋଲି ସେ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ମନ୍ତ୍ରୀ କହିଥିଲେ ଚଳିତ ବର୍ଷ କଟନି ଛଟନି ପାଇଁ କୌଣସି ସହନଶୀଳତା ନାହିଁ। ଧାନ ସଂଗ୍ରହ ବେଳେ ମିଲର୍ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ମିଲର ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇଦେବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ। ଏଥିସହିତ ଜିଲ୍ଲାର ଯୁବ ଉଦ୍ୟୋଗୀମାନଙ୍କୁ ମଧ୍ୟ ମିଲର ହେବାପାଇଁ ଉପଦେଶ ଦେଇଥିଲେ। ମଡେଲ ମଣ୍ଡିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଗତ ୨୦ ମାସ ମଧ୍ୟରେ କୃଷକ ବନ୍ଧୁମାନେ ଖୁସି ଅଛନ୍ତି ତଥା କୌଣସି ଚାଷୀ ଆତ୍ମହତ୍ୟାର ଉଦାହରଣ ନାହିଁ। ଏହାଛଡା ଜିଲ୍ଲାରେ ମନୋନୀତ ମିଲରମାନଙ୍କୁ ସେମାନଙ୍କ ଜଣାଶୁଣା ରେଥିବା ଅନ୍ୟ ମିଲର୍ମାନଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବା ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାପାଳ ତଥା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ସାଂସଦ ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ କହିଲେ ଯେ, ଚାଷୀମାନଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି। ଏଥିସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ସେ ଉପଦେଶ ଦେଇଥିଲେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ୍ ଋତୁ ପାଇଁ ମୋଟ୍ ୪୯୬୮୫ କୃଷକ ପଞ୍ଜୀକୃତ କରିଛନ୍ତି।

ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ଖର୍ଚ୍ଚ ହେବ ୯୩.୨୭ କୋଟି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ। ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହି ସବୁ



ଭବନ ଓ ସଦନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡିଶା ସରକାରଙ୍କ ପୂର୍ବତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ‘ରାଜ୍ୟରେ ଖୋଲିବ ୩ ନୂତନ ମହାବିଦ୍ୟାଳୟ’



**ଭୁବନେଶ୍ୱର :** ରାଜ୍ୟରେ ଖୋଲିବ ୩ ନୂତନ ମହାବିଦ୍ୟାଳୟ। ଏନେଇ ସୂଚନା ଦେଇଛନ୍ତି ଓଡ଼ିଶାର ମତ୍ସ୍ୟ ଏବଂ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଗୋଟିଏ ମତ୍ସ୍ୟ ବିଜ୍ଞାନ, ଗୋଟିଏ ପ୍ରାଣୀସମ୍ପଦ ଓ ଗୋଟିଏ କୃଷି ମହାବିଦ୍ୟାଳୟ ଖୋଲିବା ନେଇ ସୂଚନାମିଳିଛି। ସୋନପୁରରେ ଖୋଲାଜିବ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ। ଚିପିଲିମାରେ ପ୍ରାଣୀ ସମ୍ପଦ ମହାବିଦ୍ୟାଳୟ। ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଖୋଲିବ। ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ନିଜେ ମନ୍ତ୍ରୀ ସୂଚନାଦେଇଛନ୍ତି।

## ନ୍ୟାୟିକ ବ୍ୟବସ୍ଥାକୁ ନୂଆ ଗତି ଦେବାରେ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ



**ଭୁବନେଶ୍ୱର :** ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରାଥମିକତା ରହିଆସିଛି। ଏହି କ୍ରମରେ ଆମ ଦେଶରେ ଭାରତୀୟ ନ୍ୟାୟ ସଂହିତାଠାରୁ ଆରମ୍ଭ କରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ପ୍ରଚଳନ ଆରମ୍ଭ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ। ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ନିଯୁକ୍ତ ହୋଇଛନ୍ତି। ନବନିଯୁକ୍ତମାନେ ନ୍ୟାୟ ବ୍ୟବସ୍ଥାକୁ ତ୍ୱରିତ ଗତିରେ ଆଗେଇ ନେବା ଏବଂ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଆଇନ ବିଭାଗ ଏବଂ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଆମ ଦେଶରେ ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ପୀଡ଼ିତ ଓ ଅସହାୟମାନଙ୍କୁ ଆଇନ ସହାୟତା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ରହିଛି। ଏଣୁ ଦେଶର ଆଇନ ବ୍ୟବସ୍ଥାକୁ ଭଲ ଭାବେ ବୁଝିବା ସହିତ ନ୍ୟାୟ ପ୍ରକ୍ରିୟାକୁ କିଭଳି ସଠିକ୍ ଢଙ୍ଗରେ ଆଗେଇ ନେଇହେବ ସେଥିନେଇ ପବ୍ଲିକ୍ ପ୍ରସିକ୍ୟୁଟରମାନେ ଏହି ତାଲିମ ଶିବିରରୁ ଜ୍ଞାନ ଆହୋରଣ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପରବର୍ତ୍ତୀ ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ନିୟମିତ ଅନ୍ତରାଳରେ ତାଲିମ ଓ ପ୍ରଶିକ୍ଷଣ ସହ ପ୍ରତିମାସରେ ସମସ୍ତଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ନେଇ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।






ମାଓବାଦୀଙ୍କୁ ଡିଜିଙ୍କ କଡ଼ା ଚେତାବନୀ

## ଆତ୍ମସମର୍ପଣ କର, ନଚେତ ପରିଣାମ ଭୋଗିବ

**ଭୁବନେଶ୍ୱର :** ମାଓବାଦୀଙ୍କୁ ପୋଲିସ ଡିଜି ୱାଇ ବି ଖୁରାନିଆ କଡ଼ା ଚେତାବନୀ ଦେଇଛନ୍ତି। ଡିଜିପି କହିଛନ୍ତି, ହିଂସା ଛାଡ଼ି ଆତ୍ମସମର୍ପଣ କର, ନଚେତ୍ ପରିଣାମ ଭୋଗିବ। ଏସ୍ଓଜି ଯବାନଙ୍କ ଅପରେଶନର ଭୟଙ୍କର ପରିଣାମ ଭୋଗିବ ବୋଲି ମାଓବାଦୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଡିଜିପି। ଏବେ କନ୍ଧମାଳର ଦାରିଙ୍ଗବାଡ଼ିରେ ଜୋରଦାର ଅପରେଶନ ଚାଲିଛି। ମାଓନେତା ଶୁକ୍ରୁ ଲୁଚିଥିବା ସନ୍ଦେହରେ ଜୋରଦାର ଅପରେଶନ ଚାଲିଛି। ଡେଡ୍‌ଲାଇନ୍ ପୂର୍ବରୁ ଓଡ଼ିଶା ମାଓବାଦୀ ମୁକ୍ତ ହେବ ବୋଲି ଡିଜିପି ଆଶାବାଦୀ ଅଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆନ୍ଦୋଳନ ସହିତ ଜଡିତ ୫୯୧ ଜଣ ବ୍ୟକ୍ତି ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ତେଲଙ୍ଗାନାର ମୂଳତଃ କେବଳ ୧୧ ଜଣ ସକ୍ରିୟ ସଦସ୍ୟ ଅଛନ୍ତି, ସେମାନଙ୍କ ମଧ୍ୟରୁ କିଛି ପୂର୍ବରୁ ଆତ୍ମସମର୍ପଣ ପାଇଁ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କ ଦ୍ୱାରା ଶାନ୍ତି ପାଇଁ କରାଯାଇଥିବା ଆହ୍ୱାନକୁ ଡିଜିପି ଏହି ଧାରା ପାଇଁ ଶ୍ରେୟ ଦେଇଛନ୍ତି।






ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ଘଟଣା

## ୫ରେ ହେବ ଶୁଣାଣି

**କଟକ :** ବୋର୍ଡ ସ୍ପେଶାଲ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ଘଟଣାରେ ହାଇକୋର୍ଟରେ ୮ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଗୁରୁବାର ଶୁଣାଣି ଶେଷ ହୋଇଛି। ଶୀଘ୍ର ଲିଖିତ ଯୁକ୍ତି ଦାଖଲ କରିବାକୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୫ ତାରିଖରେ ଶୁଣାଣି ହୋଇପାରେ। ଜାଲିଆତି ଘଟଣାରେ ଅଭିଯୁକ୍ତ ଡ. ନିହାର ରଞ୍ଜନ ମହାନ୍ତି, ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ , ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀଙ୍କ ଏକାଠି ଜାମିନ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିଲେ କୋର୍ଟ।


**FORM OF DECLARATION**

(FORM-1)
(See Rule-3)

**I, Sri Lingaraj Dash declare that I am the Printer and publisher of the Newspaper entitled EKAMAATRA to be printed at Bhubaneswar Published at Bhubaneswar and that the Particulars in respect of the said Newspaper given hereunder are true to the best of my knowledge and belief.**

| | |
|---|---|
| 1. Title of the newspaper | : EKAMAATRA |
| 2. Language (s) in which it is (to be)published | : ODIA |
| 3. Periodicity of its publication | |
| a. Whether a daily, Weekly, forthnightly or otherwise | : WEEKLY |
| b. Whether a daily, Please state whether it is Morning or evening Newspaper | : NO |
| c. In case of a newspaper other than daily please state the days or dates on which it is published | : MONDAY |
| 4. Retail Selling price | : Rs. 5.00 |
| (a) If the newspaper is for free distribution, please state that it is “for free distribution” | : YES |
| (b) If it has only an annual subscription & no retail price, please state the annual subcription | :NA |
| 5. Publisher’s Name | : LINGARAJ DASH |
| Address | : S/o Late Arttatrana Dash, Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha Email-lingarajprabhu@gmail.com |
| Nationality | : INDIAN |
| 6. Place of Publication | : Bhubaneswar |
| (Please give the complete Postal Address) | : Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| 7. Printer’s Name | : LINGARAJ DASH |
| Adress | Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| 8. Name (s) of the Printing Press (es) where Printing is to be Conducted and the true place(s) description of the Premises on which the press is/are situated. | : Radhakrushna Publication Pvt. Ltd. Plot Ni-H-18, Mancheswar Ind. Estate, Bhubaneswar-10 |
| 9. Editor’s Name | : TARAK MOHANTY |
| Nationality | : INDIAN |
| Adress | : Sector-2/288,289, Niladri Vihar, Chandrasekharpur, Bhubaneswar-751021, Khordha, Odisha |
| 10. Owner’s Name | : LINGARAJ DASH |
| Adress | : Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| a) Please state that the particulars of individual or of the firm/Joint Stock company, trust, co-operative society or Association with the newspaper. | : INDIVIDUALS. |

Date : 02.03.2026

Sd/-
*Lingaraj Dash*
*Printer & Publisher, Ekamaatra*



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**